# କୁଞ୍ଜ ବିହାର



ସମ୍ପାଦନା

**ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର**

Digitized by srujanika@gmail.com

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

କୃତ

# କୁଞ୍ଜବିହାର

ସମ୍ପାଦନା

ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର

ପିଏଚ୍. ଡ଼ି. (ଉତ୍କଳ)

Digitized by srujanika@gmail.com

# କୁଞ୍ଜବିହାର

ସମ୍ପାଦନା :

**ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର**
ଅଧ୍ୟାପକ, ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର-୭୬୦୦୦୭ (ଗଞ୍ଜାମ)

ପ୍ରକାଶିକା :

**© ଶ୍ରୀମତୀ ଜୟନ୍ତୀ ମିଶ୍ର**
ବିଶ୍ୱନାଥପୁର
ପୁରୀ—୭୫୨୦୧୪

ପ୍ରଚ୍ଛଦ ଶିଳ୍ପୀ :

**ଡକ୍ଟର ରଘୁନାଥ ମହାପାତ୍ର**

ପ୍ରଥମ ସଂସ୍କରଣ :

**ବିଷୁବ ସଂକ୍ରାନ୍ତି, ୧୯୯୧**

ମୁଦ୍ରଣ :

**ରେଡ଼ିଏଣ୍ଟ ପ୍ରୋସେସ୍**
ଉତ୍କଳ ଆଶ୍ରମ ରୋଡ଼
ବ୍ରହ୍ମପୁର-୭୬୦୦୦୧ (ଗଞ୍ଜାମ)

ମୂଲ୍ୟ :

**ଟ ୧୫-୦୦**
(ପନ୍ଦର ଟଙ୍କା ମାତ୍ର)

# KUNJA BIHARA

Edited by :
**Dr. Purna Chandra Mishra**
Lecturer in Oriya,
Berhampur University
Berhampur-760007 (Gm.)

Published by :
**© Smt. Jayanti Mishra**
Biswanathpur
Puri-752014

Cover design by :
**Dr. Raghunath Mohapatra**

First Edition :
**Bisub Sankranti, 1991**

Printed at :
**Radiant Process**
Utkal Ashram Road
Berhampur-760001 (Gm.)

Price :
**Rs. 15-00**
(Rupees Fifteen only)

Digitized by srujanika@gmail.com

# ମୋ ତରଫରୁ ...

୧୯୭୭ ମସିହାରେ ମୁଁ ମୋର ଗବେଷଣା କାର୍ଯ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଉପାଦାନ ସଂଗ୍ରହ କରିବା ସମୟରେ ପୁରୀ ଜିଲ୍ଲା ଜଗନ୍ନାଥପୁର ଶାସନ ନିବାସୀ ବିଶିଷ୍ଟ ତାନ୍ତ୍ରିକ ସ୍ୱର୍ଗତ ବଳି ମହାପାତ୍ରଙ୍କ ସୌଜନ୍ୟରୁ ଉପେନ୍ଦ୍ର ଭଞ୍ଜ କୃତ କେତେକ ତାଳପତ୍ର ସହିତ କୁଞ୍ଜବିହାର କାବ୍ୟଟି ପାଇଥିଲି । ସେତେବେଳେ ଶ୍ରୀଜଗନ୍ନାଥଙ୍କ ନବକଳେବର ସମ୍ପର୍କରେ ଗବେଷଣାରତ ଥିବାରୁ ଏହା ଉପରେ ବିଶେଷ ମନଯୋଗ ନଦେଇ କେବଳ ଉକ୍ତକାବ୍ୟ ଓ ତାଳପତ୍ରର ନକଲଟିଏ ପ୍ରସ୍ତୁତ କରିଥିଲି । ୧୯୯୦ ମସିହା ଡିସେମ୍ବର ମାସରେ ମୋର ଶ୍ରଦ୍ଧେୟା ଗୁରୁଣୀ ଅଧ୍ୟାପିକା ସୁଚରିତା ମିଶ୍ର ତାଙ୍କର ଗବେଷଣା କାର୍ଯ୍ୟ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ଉପାଦାନ ସଂଗ୍ରହ କରିବା ଅବସରରେ ଉପେନ୍ଦ୍ର ଭଞ୍ଜ କୃତ କୁଞ୍ଜବିହାର କାବ୍ୟର ଗୋଟିଏ ପୋଥି ସେଠାରେ ଥିବା କଥା ମୋତେ ଜଣାଇଲେ । ଏହି ପୋଥିଟିର ସୂଚନା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରକାଶିତ Descriptive Catalogueରେ ନଥିବାରୁ ତାହା ଉପେନ୍ଦ୍ର ଭଞ୍ଜ ସମ୍ବନ୍ଧୀୟ ଗ୍ରନ୍ଥସୂଚୀ ପ୍ରସ୍ତୁତ ବେଳେ ମୋର ଦୃଷ୍ଟିକୁ ଆସିପାରି ନଥିଲା । ତେଣୁ ଏହି ସସ୍ନେହ ସମ୍ବାଦଟି ମୋତେ କୁଞ୍ଜବିହାରର ଅନ୍ୟ ଏକ ନକଲ ସଂଗ୍ରହ କରିବା ନିମନ୍ତେ ସୁଯୋଗ ଦେଇଥିବାରୁ ଭଗବାନଙ୍କ ନିକଟରେ ତାଙ୍କର ଦୀର୍ଘ ଜୀବନ କାମନା କରୁଛି ।

ଏହି ସମୟରେ ଅଧ୍ୟାପକ ଡକ୍ଟର ନିଶାକର ପାଢ଼ୀଙ୍କ ଦ୍ୱାରା ସଂପାଦିତ ବହ୍ନିଶିଖର ସୁଭଦ୍ରା ପରିଣୟ ବିଶେଷାଙ୍କ ପାଇଁ ପ୍ରବନ୍ଧଟିଏ ଲେଖିବା ନିମନ୍ତେ ମନସ୍ଥକରି ସୁଭଦ୍ରା ପରିଣୟ କାବ୍ୟଟିକୁ ଅନୁଧ୍ୟାନ କରିବା ବେଳେ ଏଥିରେ ଥିବା :—

"ସୁମନକ ଭୁଜ ଯେ ଶୀଠ ବୃନ୍ତ, ସଂକାଶେ ନୋହୁଁ ଏ ପୁସ୍ତକ ନାଶ

ସମସ୍ତ ଦେଶରେ ପ୍ରକାଶ ହେଉ, ସଂସାର ମଧ୍ୟେ ଚିରକାଳ ଥାଉ

ସ୍ତବେ ଏଥି ପାଇଁ, ଶ୍ରୀମନ୍ତେ ଶ୍ରୀ ରଘୁନାଥ ଆରାଧଇ ।" (୧୭/୨୫)

ପଦକୁ ଦେଖି ଉପେନ୍ଦ୍ର ଭଞ୍ଜଙ୍କର 'କୁଞ୍ଜବିହାର' କାବ୍ୟଟିକୁ ସଂପାଦନା କରି ଲୋକଲୋଚନକୁ ଆଣିବା ନିମନ୍ତେ ଆଗ୍ରହାନ୍ୱିତ ହେଲି ।

Digitized by srujanika@gmail.com

ଏହି ଆଗ୍ରହକୁ ଫଳପ୍ରସୂ କରିବା ନିମନ୍ତେ ମୋର ପୂଜ୍ୟଗୁରୁ ଡ଼କ୍ଟର କୃଷ୍ଣଚରଣ ସାହୁ, ଡ଼ଃ ଗଗନେନ୍ଦ୍ର ନାଥ ଦାଶ, ଡ଼କ୍ଟର ଦାଶରଥି ଦାସ ଓ ଡ଼କ୍ଟର ସୁଦର୍ଶନ ଆଚାର୍ଯ୍ୟ ଆଦି ବିଶେଷ ପ୍ରେରଣା ପ୍ରଦାନ କଲେ । କେବଳ ସେତିକି ନୁହେଁ ଖଲ୍ଲିକୋଟ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ଼କ୍ଟର କିଶୋର ଚନ୍ଦ୍ର ମିଶ୍ର ଏହି ଗ୍ରନ୍ଥଟିର ମୁଦ୍ରିତ ରୂପ ପ୍ରକାଶ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସାହାଯ୍ୟ ତଥା ସହଯୋଗ ପ୍ରଦାନ ନିମନ୍ତେ ସମ୍ମତି ପ୍ରଦାନ କରିବା ଫଳରେ ଗ୍ରନ୍ଥଟିର ସଂପାଦନା କାର୍ଯ୍ୟରେ ଅଗ୍ରସର ହେଲି । ଏଥିପାଇଁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ।

"କୃଣ ମିଚ୍ଛନ୍ତି ମକ୍ଷିକା" ନ୍ୟାୟରେ କେତେକ ବନ୍ଧୁ ତଥା ସମ୍ମାନିତ ବ୍ୟକ୍ତି ଏହା ଉପେନ୍ଦ୍ରଭଞ୍ଜଙ୍କର ନୁହେଁ ବୋଲି ବିଭିନ୍ନ ପ୍ରକାର ଅଯୌକ୍ତିକ ମନ୍ତବ୍ୟ ପ୍ରଦାନ କରି ନିରୁତ୍ସାହିତ କରିବା ସମୟରେ ଉପେନ୍ଦ୍ରଭଞ୍ଜଙ୍କ "ଆଖୁ ଅନଳ ସ୍ୱଭାବରେ ନଲଭି ବିନାଶ/ଉତ୍ତମ ଜନରେ ଦୂଷିତ ନୋହିଣ ପ୍ରକାଶ ହେଉ ସର୍ବଦେଶ" (ର.ହା. ୧୫/୨୯)ର ବାରମ୍ବାର ଅନୁରଣନ ଏ ଗ୍ରନ୍ଥଟିକୁ ଛପା ଇ ନଦେଇ ଛପାଇ ଦେବା ନିମନ୍ତେ ମୋତେ ବିଶେଷ ଉତ୍ସାହିତ କଲା । ପୁନଶ୍ଚ ଏହି ଉତ୍ସାହକୁ ସାକାର ରୂପ ପ୍ରଦାନ ନିମନ୍ତେ ମୋର ଧର୍ମପତ୍ନୀ ଶ୍ରୀମତୀ ଜୟନ୍ତୀ ମିଶ୍ର ଯଥେଷ୍ଟ ପ୍ରୋତ୍ସାହନ ଦେବା ସଙ୍ଗେ ଗ୍ରନ୍ଥଟିକୁ ମୁଦ୍ରିତ ରୂପ ଦେବାରେ ସହାୟତା କରିଥିବାରୁ ମୁଁ ଶ୍ରୀଜଗନ୍ନାଥଙ୍କ ପାଖରେ ତାଙ୍କର ମଙ୍ଗଳ କାମନା କରୁଛି ।

ଗ୍ରନ୍ଥଟିର ପ୍ରଚ୍ଛଦ ପଟ୍ଟ ସଜ୍ଜା ନିମନ୍ତେ ମୋର ପୂଜ୍ୟଗୁରୁ ତଥା ଖଲ୍ଲିକୋଟ ମହାବିଦ୍ୟାଳୟ ହିନ୍ଦୀବିଭାଗର ମୁଖ୍ୟ ଡ଼କ୍ଟର ରଘୁନାଥ ମହାପାତ୍ରଙ୍କୁ ମୁଁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ବଉରବେଲି ଆଦର୍ଶ ପାଠାଗାରର ଭଞ୍ଜଜୟନ୍ତୀ ୧୯୯୧ ଅବସରରେ ଇସ୍ପାତ କାରଖାନାର ଏକ୍‌ଜିକ୍ୟୁଟିଭ୍ ଡ଼ାଇରେକ୍ଟର ଶ୍ରୀ ଅଶୋକ କୁମାର ପୋତେଦାର ଗ୍ରନ୍ଥଟିକୁ ଉନ୍ମୋଚିତ କରିଥିବାରୁ ମୁଁ ଆଦର୍ଶ ପାଠାଗାରର କର୍ମକର୍ତ୍ତା ତଥା ବନ୍ଧୁ ଶ୍ରୀ ସଙ୍କର୍ଷଣ ପଣ୍ଡା ଓ ଶ୍ରୀଯୁକ୍ତ ପୋତେଦାରଙ୍କ ନିକଟରେ ଚିରକୃତଜ୍ଞ ।

ପରିଶେଷରେ ଗ୍ରନ୍ଥ ମଧ୍ୟରେ କେତେକ ଅନିଚ୍ଛାକୃତ ମୁଦ୍ରଣଗତ ତ୍ରୁଟି ଥିବାରୁ ସୁଧୀ ପାଠକମାନେ ସେଗୁଡ଼ିକ ମାର୍ଜନା କରିବେ ବୋଲି ଅନୁରୋଧ ।

ସମ୍ପାଦକ

Digitized by srujanika@gmail.com

# ମୁଖବନ୍ଧ

ମୟୂରଭଞ୍ଜର ରାଜବଂଶର ସୁଯୋଗ୍ୟ ଦାୟାଦ ତଥା ଓଡ଼ିଆ ସାହିତ୍ୟର ଅମ୍ଳାନ ପ୍ରତିଭା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବହୁ ଗ୍ରନ୍ଥର ରଚୟିତା ଭାବେ ଭଞ୍ଜ ସାହିତ୍ୟପ୍ରେମୀ ତଥା ଗବେଷକମାନେ ମତବ୍ୟକ୍ତ କରିଛନ୍ତି । ତାଙ୍କର ବହୁଗ୍ରନ୍ଥ ମଧ୍ୟରୁ ମାତ୍ର ବାଇଶଗୋଟି ଗ୍ରନ୍ଥ (୧) ମୁଦ୍ରିତ ରୂପ ଗ୍ରହଣ କରି ଲୋକଲୋଚନକୁ ଆସିଥିବାବେଳେ ଅନ୍ୟ ସମସ୍ତ ଗ୍ରନ୍ଥ ଅପ୍ରକାଶିତ ଭାବରେ ରହିଅଛି । ଏହି ଅପ୍ରକାଶିତ ଗ୍ରନ୍ଥ ମଧ୍ୟରୁ କେତେକ ଆଦୌ ମିଳୁ ନଥିବା ସମୟରେ ଅଳ୍ପ କେତୋଟି ତାଳପତ୍ର ପୋଥି ରୂପରେ ଉପଲବ୍ଧ ହେଉଅଛି । ଯେଉଁ କେତେକ ଗ୍ରନ୍ଥ ଆଦୌ ଦେଖିବାକୁ ମିଳୁନାହିଁ, ସେଗୁଡ଼ିକର ଅସ୍ତିତ୍ୱ ସମ୍ପର୍କରେ ସନ୍ଦେହ ଜାତ ହେବା ସ୍ୱାଭାବିକ । ଏଭଳି ଅପ୍ରକାଶିତ ଦୁଷ୍ପ୍ରାପ୍ୟ ଗ୍ରନ୍ଥ ମଧ୍ୟରେ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ 'କୁଞ୍ଜ ବିହାର' କାବ୍ୟଟି ଅନ୍ୟତମ ।

## ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀ ଓ କୁଞ୍ଜବିହାର :

ଉପେନ୍ଦ୍ର ଭଞ୍ଜଙ୍କ ସ୍ୱରଚିତ 'ଛାନ୍ଦକାବ୍ୟ ବନ୍ଧୋଦୟ' ଗ୍ରନ୍ଥରେ କୁଞ୍ଜବିହାର କାବ୍ୟ ସମ୍ପର୍କରେ ପ୍ରଥମ ସୂଚନା ମିଳେ । ଉକ୍ତ ଗ୍ରନ୍ଥରେ ଉଲ୍ଲେଖ ଅଛି—

"ରସିକ ହାରାବଳୀ ନାମେ ଗୀତ
କୁଞ୍ଜବିହାରଯେ ଶ୍ୟାମ ଚରିତ ।" (୧/୧୯)

ଏଥିରୁ ସ୍ପଷ୍ଟ ରୂପେ ସୂଚିତ ହୁଏ ଯେ ଉପେନ୍ଦ୍ର ଭଞ୍ଜ ଛାନ୍ଦକାବ୍ୟ ବନ୍ଧୋଦୟ ରଚନା କରିବା ପୂର୍ବରୁ ଶ୍ୟାମ ଚରିତ ମୂଳକ 'କୁଞ୍ଜବିହାର' କାବ୍ୟକୁ ରଚନା କରିସାରିଥିଲେ ।

ଏହି ସୂଚନା ପରେ ପରବର୍ତ୍ତୀ ସମୟରେ ବହୁ ଆଲୋଚକ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀଗୁଡ଼ିକର ଏକ ତାଲିକା ପ୍ରଦାନ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ ହେଁ ସେମାନଙ୍କ ମଧ୍ୟରେ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କୁ ପ୍ରଥମ ସ୍ଥାନ ଦିଆଯାଏ । ରଙ୍ଗଲାଲ ଉପେନ୍ଦ୍ର ଭଞ୍ଜଙ୍କର

Digitized by srujanika@gmail.com

୫୨ ଗୋଟି ଉତ୍କୃଷ୍ଟ ଗ୍ରନ୍ଥ ଥିବାର ସୂଚନା ଦେଇଥିଲେ ମଧ୍ୟ ସେଥିରୁ ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ, ରସମଞ୍ଜରୀ, ରସପଞ୍ଚକ, ପ୍ରେମ ସୁଧାନିଧି, ରସିକ ହାରାବଳୀ, ସୁବର୍ଣ୍ଣରେଖା, ଶୋଭାବତୀ, ଚିତ୍ରକାବ୍ୟ, କାମ କୌତୁକ, ଦୁପ୍‌ପେ, ଷପ୍‌ପେ, ଧ୍ୱନିମଞ୍ଜରୀ, ଛାନ୍ଦମାଳା ଓ ଷଡ଼ଋତୁ ଆଦି ଗ୍ରନ୍ଥକୁ କପୂର୍ବ ଦୃଷ୍ଟିପାତ କରିଥିବା କଥା ବର୍ଣ୍ଣନା କରିଛନ୍ତି । (୨) ଉକ୍ତ ତାଲିକା ମଧ୍ୟରେ ସେ କୁଞ୍ଜବିହାରର ଅସ୍ତିତ୍ୱ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି । ରଙ୍ଗଲାଲଙ୍କ ପୂର୍ବରୁ ୧୮୫୯ ମସିହାରେ ଲଙ୍ଗ୍ ସାହେବ ତାଙ୍କର ଓଡ଼ିଶା ଭ୍ରମଣ ସମ୍ପର୍କିତ ଏକ ବୃତ୍ତାନ୍ତ ମଧ୍ୟରେ ଓଡ଼ିଆ ଭାଷା ବିଷୟରେ ମତବ୍ୟକ୍ତ କରି ଉଲ୍ଲେଖ କରିଛନ୍ତି—

''The Uriya language has been very little cultivated : the Brahman scholars in Orissa as well as in Bengal despised the Vernacular. The Bhagwat Gita however was translated from Sanskrit into Uriya three centuries ago; among original works are the RasaKalol on Krishna, the Vaidehivilas about Ram, the Labaneatatua, a tale, the Mukunda Mala, Jaratibhakti a Vaishnav work, Rasamanjari and Rasapanchak with several Mahatmeas or temple legends. (୩)

ଏଥିରେ ଲଙ୍ଗ୍ ସାହେବ ଅନ୍ୟାନ୍ୟ ଗ୍ରନ୍ଥ ସହିତ ଉପେନ୍ଦ୍ର ଭଞ୍ଜଙ୍କର କେତୋଟି କାବ୍ୟର ନାମୋଲ୍ଲେଖ କରିଥିଲେ ମଧ୍ୟ ଏହା ଉପେନ୍ଦ୍ର ଭଞ୍ଜଙ୍କର ବୋଲି କୌଣସି ସୂଚନା ଦେଇ ନ ଥିବାରୁ ରଙ୍ଗଲାଲଙ୍କୁ ଭଞ୍ଜ ସାହିତ୍ୟର ଆଦ୍ୟ ଆଲୋଚକ ତଥା ଭଞ୍ଜରଚନାବଳୀର ପ୍ରଥମ ତାଲିକା ପ୍ରଦାନକାରୀ ରୂପେ ଗ୍ରହଣ କରାଯିବ ।

କିନ୍ତୁ ରଙ୍ଗଲାଲଙ୍କ ପରେ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀଗୁଡ଼ିକର ନାମତାଲିକା ପ୍ରସ୍ତୁତ କରିବା ଅବସରରେ ହଣ୍ଟର (୪), ମନମୋହନ ଚକ୍ରବର୍ତ୍ତୀ (୫), ମଧୁସୂଦନ ଦାଶ (୬), ତାରିଣୀ ଚରଣ ରଥ (୭), ବିଜୟ ଚନ୍ଦ୍ର ମଜୁମଦାର (୮), ପଣ୍ଡିତ ବିନାୟକ ମିଶ୍ର (୯) ପ୍ରମୁଖ ଉକ୍ତ କୁଞ୍ଜବିହାର କାବ୍ୟର ନାମୋଲ୍ଲେଖ କରିଛନ୍ତି । କିନ୍ତୁ ଜଗବନ୍ଧୁ ସିଂହ ସ୍ୱରଚିତ ପ୍ରାଚୀନ ଉତ୍କଳ (୧୦) ଗ୍ରନ୍ଥରେ ଉପେନ୍ଦ୍ର ଭଞ୍ଜଙ୍କ ଗ୍ରନ୍ଥ ତାଲିକା

Digitized by srujanika@gmail.com

ମଧ୍ୟରୁ ଏ କାବ୍ୟଟିକୁ ବାଦ୍‌ଦେଇ 'କୃଷ୍ଣବହାର' ନାମକ ଏକ ନୂତନ ଗ୍ରନ୍ଥର ସଂଯୋଗ କରିଥିବାରୁ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର କହନ୍ତି 'ଛନ୍ଦୋବନ୍ଧୋଦୟରେ ଦତ୍ତ ଓ ମୂଳ ଆଲୋଚକଙ୍କ ସମର୍ଥିତ କୁଞ୍ଜବିହାର ନ ଦେଇ କୃଷ୍ଣବିହାର ଦେଇଥିବାରୁ' ଏହା ମୁଦ୍ରଣ ପ୍ରମାଦ ବୋଲି ସିଦ୍ଧାନ୍ତ କରାଯାଇପାରେ । (୧୧)

ଏହାକୁ ମୁଦ୍ରଣଗତ ପ୍ରମାଦ ଅପେକ୍ଷା ପୋଥିପଠନଗତ ପ୍ରମାଦ ବା ଅଜ୍ଞତା ରୂପେ ମଧ୍ୟ ଅନୁମାନ କରାଯାଇପାରେ । କାରଣ ଜଗବନ୍ଧୁ ସିଂହ ମୁକୁର ପତ୍ରିକା (୧୨) ରେ 'ପ୍ରାଚୀନ ଉତ୍କଳ' ଶୀର୍ଷକ ଲେଖା ମଧ୍ୟରେ ପ୍ରଥମେ ହଣ୍ଟର ସାହେବଙ୍କ ତାଲିକାକୁ ଉଦ୍ଧାର କରିବାବେଳେ 'କୁଞ୍ଜବେହାର' (୧୩) ଉଲ୍ଲେଖ କରି ପରବର୍ତ୍ତୀ ସମୟରେ ସେହି ପତ୍ରିକାର ଅନ୍ୟ ଏକ ସଂଖ୍ୟା (୧୪)ରେ ଭଞ୍ଜଙ୍କ ପୁସ୍ତକ ମଧ୍ୟରେ ଯେ କେତେଖଣ୍ଡି ଜଣାପଡ଼ନ୍ତି କହି ସେ ନିଜେ ଏକ ତାଲିକା ଦେବାବେଳେ 'କୃଷ୍ଣବିହାର' ନାମଟି ପ୍ରଦାନ କରିଛନ୍ତି । ଏହା ଯେବେ ଜଗବନ୍ଧୁ ସିଂହଙ୍କର ମୁଦ୍ରଣଗତ ପ୍ରମାଦ ହୋଇଥାନ୍ତା ତେବେ ୧୯୨୯ ମସିହାରେ ପ୍ରାଚୀନ ଉତ୍କଳ ଗ୍ରନ୍ଥର ପ୍ରଥମ ସଂସ୍କରଣ ସମୟରେ ସେ ଏହାକୁ ସଂଶୋଧନ କରିପାରିଥାନ୍ତେ । ତେଣୁ ଅନୁମାନ କରାଯାଇପାରେ ଜଗବନ୍ଧୁ ସିଂହ କୌଣସି ଛନ୍ଦକାବ୍ୟ ବନ୍ଧୋଦୟ ପୋଥିରୁ ଉଦ୍ଧୃତ ଦେଖି କିମ୍ବା କୁଞ୍ଜବିହାର ପୋଥିର 'କୁଞ୍ଜ'କୁ 'କୃଷ୍ଣ' ବୋଲି ପଢ଼ିବା ସଙ୍ଗେ ସଙ୍ଗେ ଏଭଳି ଏକ ପ୍ରମାଦକୁ ଗ୍ରହଣ କରିଥିବାର ଯଥେଷ୍ଟ ସମ୍ଭାବନା ରହିଛି ।

ଏହାପରେ କବିଶେଖର ଚିନ୍ତାମଣି ମହାନ୍ତି ସ୍ୱରଚିତ ଦ୍ୱିମୂଷର କାବ୍ୟରେ ଉପେନ୍ଦ୍ର ଭଞ୍ଜଙ୍କର 'କାବ୍ୟ ମହାକାବ୍ୟ ଦ୍ୱିପଞ୍ଚାଶ ଖଣ୍ଡ' କହି ପାଦଟୀକାରେ ୫୨ଟି ବହିର ନାମ ଦେବା ସମୟରେ କେବଳ 'କୃଷ୍ଣବିହାର' କାବ୍ୟର ନାମୋଲ୍ଲେଖ କରିଛନ୍ତି । (୧୫) କିନ୍ତୁ ଏହାଙ୍କ ପରେ ଭଗୀରଥି ମହାପାତ୍ର (୧୬) ଓ ଶ୍ରୀଧର ଦାସ (୧୭) କୁଞ୍ଜବିହାରକୁ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀ ରୂପେ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି ।

୧୯୪୮ ମସିହାରେ ହରେକୃଷ୍ଣ ମହତାବ ରସଲକୋଣ୍ଡା (ଭଞ୍ଜନଗର) ଭଞ୍ଜସାହିତ୍ୟ ପରିଷଦ ଦ୍ୱାରା ସଂଗୃହୀତ ହୋଇଥିବା ଉପେନ୍ଦ୍ର ଭଞ୍ଜଙ୍କ

Digitized by srujanika@gmail.com

ରଚନାବଳୀ ପୋଥିର ଏକ ତାଲିକା ଦେବାବେଳେ କୁଞ୍ଜବିହାରୀ ଓ ଶ୍ରୀକୃଷ୍ଣ ବିହାର ନାମକ ଦୁଇଟି ଗ୍ରନ୍ଥକୁ ତାଲିକାଭୁକ୍ତ କରିଛନ୍ତି । (୧୮) ଉପେନ୍ଦ୍ର ଭଞ୍ଜଙ୍କ ଛାନ୍ଦକାବ୍ୟ ବନ୍ଧୋଦୟରେ କୃଷ୍ଣବିହାର କାବ୍ୟ ନାମର କୌଣସି ସୂଚନା ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭଞ୍ଜପ୍ରାଣ ବାଞ୍ଛାନି ଚରଣ ପଟ୍ଟନାୟକ (୧୯), ଗବେଷକ ଅନନ୍ତ ଚନ୍ଦ୍ରନାଉ ପଟ୍ଟନାୟକ (୨୦) ଓ ଅଧ୍ୟାପକ ଜୟକୃଷ୍ଣ ମିଶ୍ର (୨୧) ଆଦି ମହତାବଙ୍କ ଦ୍ୱାରା ପ୍ରଦତ୍ତ ଏହି ଦୁଇଟି ନାମକୁ ଉପେନ୍ଦ୍ର ଭଞ୍ଜଙ୍କର ଦୁଇଟି ରଚନା ରୂପେ ମୁକ୍ତ ଭାବରେ ଗ୍ରହଣ କରିଛନ୍ତି ।

ହଣ୍ଟର ସାହେବ କୁଞ୍ଜବିହାରୀ କାବ୍ୟକୁ 'Sports of Krishna', ଓ ମନମୋହନ ଚକ୍ରବର୍ତ୍ତୀ 'Mythological Poem' କହିବାବେଳେ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା (୨୨) ଏହାକୁ 'ଶ୍ରୀକୃଷ୍ଣ ଚରିତ ଏଥିରେ ପରିବେଷିତ' କହି ଶ୍ରୀକୃଷ୍ଣ ବିହାର ସମ୍ପର୍କରେ କହିଛନ୍ତି 'ଅନୁମିତ ହୁଏ କୃଷ୍ଣଙ୍କ ଚରିତ ଏଥିରେ ବର୍ଣ୍ଣିତ । କିନ୍ତୁ ଭଞ୍ଜଙ୍କର କି ନୁହେଁ ଦେଖିବାକୁ ହେବ ।' ଅଧ୍ୟାପକ ବ୍ରହ୍ମାଙ୍କର ଏହି ମତରୁ ଅନୁମିତ ହୁଏ ଯେ ଗ୍ରନ୍ଥଦ୍ୱୟର ଅନୁପଲବ୍ଧିରୁ ସେ ଏଭଳି ମତ ଦେଇଛନ୍ତି । ପରବର୍ତ୍ତୀ ସମୟରେ କେତେକ ଆଲୋଚକ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀର ତାଲିକା ପ୍ରସ୍ତୁତ ନିମନ୍ତେ ଉଦ୍ୟମ କରିବା ଅବସରରେ ଉକ୍ତ ଗ୍ରନ୍ଥଦ୍ୱୟରୁ ଗୋଟିକୁ ନେବାବେଳେ କେତେକ ଦୁଇଟିକୁ ତାଲିକାଭୁକ୍ତ କରିଛନ୍ତି ।

ଏହାର କାରଣ ରୂପେ ଗ୍ରନ୍ଥର ଅନୁପଲବ୍ଧତାକୁ ଯେତିକି ପରିମାଣରେ ଦାୟୀ କରାଯାଇ ନପାରେ ତା ଠାରୁ ବେଶୀ ଆଲୋଚକମାନଙ୍କର ଦୃଷ୍ଟିଭଙ୍ଗୀକୁ ଦାୟୀ କରାଯାଇପାରେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମ ସ୍ୱୀକୃତ 'କୁଞ୍ଜବିହାରୀ' ଜଗବନ୍ଧୁ ସିଂହଙ୍କ ପ୍ରମାଦ ହେତୁ 'କୃଷ୍ଣବିହାର' ହୋଇ ଚିନ୍ତାମଣି ମହାନ୍ତିଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଗ୍ରନ୍ଥ ରୂପେ ତାଲିକାଭୁକ୍ତ ହେଲା । ଏହାପରେ ରସୁଲକୋଣ୍ଡା ଭଞ୍ଜସାହିତ୍ୟ ପରିଷଦର ସଂଗୃହୀତ ପୋଥି ତାଲିକାଭୁକ୍ତ ହୋଇ ମହତାବଙ୍କ ଓଡ଼ିଶା ଇତିହାସରେ ଦୁଇଟି ଗ୍ରନ୍ଥରେ ପରିଣତ ହେଲା । ଏଭଳି ଦୁଇଟି ଗ୍ରନ୍ଥର ସଗର୍ବ ଘୋଷଣା ସହିତ ମହତାବ ଓ ଭଞ୍ଜସାହିତ୍ୟ ପ୍ରେମୀ ବାଞ୍ଛାନି ଚରଣ ପଟ୍ଟନାୟକ ବିନାଦ୍ୱିଧାରେ ନିଜ

Digitized by srujanika@gmail.com

ତାଲିକାଭୁକ୍ତ କରିଥିବାରୁ ତାହା ପରବର୍ତ୍ତୀ ଆଲୋଚକମାନଙ୍କୁ ଦ୍ୱନ୍ଦରେ ପକାଇଲା । ଯାହା ଫଳରେ ୧୯୫୦ ମସିହାର ପରବର୍ତ୍ତୀ ଆଲୋଚକମାନଙ୍କ ମଧ୍ୟରୁ କେତେକ ଏହି ଦୁଇଟି ଗ୍ରନ୍ଥରୁ ଗୋଟିକୁ ନେବାବେଳେ କେତେକ ଉଭୟକୁ ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀ ରୂପେ ସ୍ୱୀକୃତ ପ୍ରଦାନ କଲେ । ଏହାଦ୍ୱାରା ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀର ସଂଖ୍ୟା ବୃଦ୍ଧି ଘଟିଲେ ମଧ୍ୟ କେତେକ ଗ୍ରନ୍ଥର ଅସ୍ତିତ୍ୱ କ୍ରମଶଃ ସନ୍ଦେହପୂର୍ଣ୍ଣ ହେଲା । ଏଭଳି ଏକ ଗ୍ରନ୍ଥ ହେଉଛି କୁଞ୍ଜବିହାର ।

## ପୋଥିପ୍ରାପ୍ତି :

ଏହି କୁଞ୍ଜବିହାରର ଦୁଇଗୋଟି ନକଲ ମଧ୍ୟରୁ ଗୋଟିଏ ପୁରୀ ଜିଲ୍ଲା ଜଗନ୍ନାଥପୁର ନିବାସୀ ବିଶିଷ୍ଟ ତାନ୍ତ୍ରିକ ସ୍ୱର୍ଗତ ବଳି ମହାପାତ୍ରଙ୍କ ଘରେ ଥିବା ପୋଥିରୁ ସଂଗୃହୀତ । ବିଭିନ୍ନ ଗ୍ରନ୍ଥ ଓ ଚଉପଦୀର ଏକ ଅତି ଜୀର୍ଣ୍ଣ ତଥା କୀଟଦଂଷ୍ଟ ପୋଥି ମଧ୍ୟରେ ଏହି କାବ୍ୟଟି ଥିଲା । ପୋଥିରେ ଥିବା ସର୍ବମୋଟ ୬୦ ଗୋଟି ପତ୍ର ମଧ୍ୟରୁ ୧୪ଟି ପତ୍ରରେ ଏହି କାବ୍ୟଟି ଲିଖିତ । ପୋଥିଟିର ଦୈର୍ଘ୍ୟ, ପ୍ରସ୍ଥ ଯଥାକ୍ରମେ ୨୯ ସି.ଏମ୍. ଓ ୩.୮ ସି.ଏମ୍. । ପୋଥିଟିର ପ୍ରତ୍ୟେକ ପତ୍ର ପ୍ରାୟ ୩ ରୁ ୪ ଧାଡ଼ି ବିଶିଷ୍ଟ । ଏହି ପୋଥିଟିରେ ପୁଷ୍ପିକା ରହିଛି । ପୁଷ୍ପିକାରେ ଅଛି—
"ଶ୍ରି ଗୁରୁଦେବ ଗତି କରିବେ ଅଧମ ବିପ୍ର ବନମାଳି ନନ୍ଦଙ୍କୁ । ଶ୍ରି ମୁକୁନ୍ଦଦେବ ମହାରଜାଙ୍କ ଅ ୨୧ ଙ୍କ ୧୭୩୭ ଶକାବ ଆସାଢ଼ ସୁକ୍ଳ ଦୁତିଆ ଶ୍ରିଗୁଣ୍ଡିଚ୍ଚ ବେଳ ୪ ଘଡ଼ିଠାରେ ଏ ପୋସ୍ତେକ ଲେଖା ବଢ଼ିଲା ଜଗନାଥପୁର ସାଶନ ନୃସିଂଗନାଥ ମଣ୍ଡପରେ । ଶ୍ରି ସୁଭମସ୍ତୁ । ହେ ସୁଗ୍ୟଂ ଜନମାନେ ସୁଦ୍ଧ ଅସୁଦ୍ଧ ପୁରାଇ ଗାଇବ । ଲେଖିବାର ଦୋଷ ନ ଧରିବ । ଏ ପୁସ୍ତେକ ବାଙ୍ଗୋଉବା ଗଦାଧରପୁର ସାଶନର ମହାଜନ ପିଣ୍ଡିକି ନନ୍ଦଙ୍କର । ଏ ପୋସ୍ତେକ ଯେ ମାଗିନେଇଂ ନ ଦେବ କୁଟ କପଟ କରିବ ସେ ଗୁରୁଦେବ ଚରଣେ ଦ୍ରୋହୀ ହେବ । ଶ୍ରି ତାଃଢ ଚଢ଼ୁରେ ଅପ୍ରାଧ ହେବ । ତା ସପତ ପୁରୁସ ଅଗତିକି ଯିବେ ।"

ଏଥିରେ ଗଜପତି ମହାରାଜ ମୁକୁନ୍ଦଦେବଙ୍କ ୨୧ ଅଙ୍କ ୧୭୩୭ ଶକାବ୍ଦ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତିୟା ଶ୍ରୀଗୁଣ୍ଡିଚ୍ଚା ଦିନ ରଚିତ ହୋଇଥିବାର ସୂଚନା ଥିବାରୁ ପୋଥିଟି ୧୮୧୫ ମସିହାରେ ଲିଖିତ ବୋଲି ଜଣାଯାଏ । ଗଜପତି ମୁକୁନ୍ଦଦେବ ଦିବ୍ୟସିଂହଦେବ୨ୟଙ୍କ ପରେ

Digitized by srujanika@gmail.com

ଖ୍ରୀ: ୧୭୯୮ରେ ଖୋର୍ଦ୍ଧାର ସିଂହାସନ ଆରୋହଣ କରିଥିଲେ (୨୩) ଓ ଖ୍ରୀ: ୧୭୯୮ରୁ ଖ୍ରୀ: ୧୮୧୭ ମସିହା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ (୨୪) ।

ଦ୍ୱିତୀୟ ପୋଥିଟି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ରକ୍ଷିତ । ଏହାର ନମ୍ବର ଓ. ଏଲ୍ ୨୨୪୬ । ଏହି ପୋଥିଟିରେ ୧୭ ପତ୍ର ବିଶିଷ୍ଟ କୁଞ୍ଜବିହାର କାବ୍ୟଟି ଅନ୍ୟାନ୍ୟ କେତେ ଚଉତିଶା ଆଦି ସହିତ ରହିଅଛି । ପୋଥିଟିର ଆନୁମାନିକ ଦୈର୍ଘ୍ୟ ପ୍ରସ୍ଥ ଯଥାକ୍ରମେ ୨୪ ସି. ଏମ୍. ଓ ୩.୪ ସି. ଏମ୍ । ପ୍ରତ୍ୟେକ ପତ୍ର ୨ ରୁ ୪ ଧାଡ଼ି ବିଶିଷ୍ଟ । ପୋଥିଟିର କୌଣସି ସ୍ଥାନରେ ପୁଷ୍ପିକା ନଥିବାରୁ ସମ୍ପାଦନା ସମୟରେ ପାଠାନ୍ତର ଦେଖାଇବା ଉଦ୍ଦେଶ୍ୟରେ ଏହାକୁ 'କ' ପୋଥି ରୂପେ ବିବେଚନା କରାଯାଇଛି ।

ଏହି ଦୁଇଗୋଟି ବ୍ୟତୀତ ଅନ୍ୟ ପୋଥି ପ୍ରାପ୍ତିର ସମ୍ଭାବନା କ୍ଷୀଣ ଥିବାରୁ ଉପରୋକ୍ତ ଦୁଇଟି ପୋଥି ସାହାଯ୍ୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କୃତ କୁଞ୍ଜବିହାର କାବ୍ୟଟିର ପାଠ ଉଦ୍ଧାର କରିବା ନିମନ୍ତେ ପ୍ରୟାସ କରାଯାଇଛି । ଯଦି ଭବିଷ୍ୟତରେ ଏହାର ଅନ୍ୟ ନକଲ ମିଳେ ତେବେ ତାହା ଅଧିକ ଶୁଦ୍ଧପାଠ ନିର୍ଣ୍ଣୟରେ ସହାୟକ ହେବ ବୋଲି ଆଶା ।

## ଉଭୟ ପୋଥିର ପାଠ ତୁଳନା ଓ ବିଶ୍ଳେଷଣ :

| ରାଜ ମହାପାତ୍ରଙ୍କ ପୋଥି | 'କ' ପୋଥି |
|---|---|
| (ବହିର ନାମ)— କୁଞ୍ଜବିହାର | ଶ୍ରୀ କୁଞ୍ଜବେହାର |
| ୧/୧ ମହାପ୍ରଭୁ ହେ, ପଦ୍ମ ପଦ୍ମ-ମୁଖଭ୍ରମର | ୧/୧ × × ପ୍ରଭୁହେ, ପଦ୍ମ ପଦ୍ମ-ମୁଖଭ୍ରମର । |
| ୧/୧ ହର ମନୋହର ଶରହରହର ...ଦର୍ପହର | ୧/୧ ହର ମନୋହର ଶରବସର ଦର୍ପହର । |
| ୧/୨ ମହାପ୍ରଭୁହେ, ବିବୁଧ ପ୍ରଭୁ ଦଇତାରି | ୧/୨ × × ପ୍ରଭୁହେ, ବିବୁଧ ପ୍ରଭୁ ଦଇତାରି । |
| ୧/୩ କରିବି କୁଞ୍ଜ ବିହାରେଁ | ୧/୩ କରିବ କୁଞ୍ଜ ବେହାର |

Digitized by srujanika@gmail.com

| | | | |
|---|---|---|---|
| ୧/୭ | ପୁଷ୍ପଗୁଚ୍ଛ ଚାର | ୧/୭ | ପୁଚ୍ଛଗୁଚ୍ଛ ତାର |
| ୧/୭ | ଘନ କାନ୍ତନ ଘନ କୋନେ | ୧/୭ | ଘନ କୋନେ ଘନ କୋନେ |
| ୧/୯ | ସୁରପୁର ପ୍ରାପ୍ତେ ଉପମା ଏହୋଇଛୁ ସୁମନ ସଙ୍ଗ ସେ ଶୋହୁଛୁ | ୧/୯ | ସୁରପୁର ପ୍ରାପ୍ତେ ଉପମା ହୋଇଛୁ ସୁମନସ ଯେହେ ସୋହୁଛୁ । |
| ୧/୧୪ | ତରୁଣିରେମଣି, ବଲ୍ଲଭା ସୁନ୍ଦରୀ | ୧/୧୪ | ତରୁଣୀ × × ×, ବଲ୍ଲଭା ସୁନ୍ଦରୀ |
| ୧/୧୫ | ହରଷ ହୋଇଲେ ତରୁଣୀ ରମଣୀ | ୧/୧୫ | ହରଷ ହୋଇଲେ ତରୁ ଶିରୋମଣି |
| ୧/୧୮ | ଆଗୋ ସଖି ଗୋ × × × | ୧/୧୮ | ଆଗୋ ସଖୀ ଗୋ × × × |
| ୨/୭ | ବର୍ଧକି ଅଧର ମନକୁ ଆସେ | ୨/୭ | × × × (ନାହିଁ) |
| ୨/୭ | ନାସା ଶୁକ୍ବର | ୨/୭ | ନାସା ସୁଦାବର |
| ୨/୧୯ | ଭସ୍ମ, ଚନ୍ଦନ, ବଲେପ, ଶଙ୍ଖର | ୨/୧୯ | ଭସ୍ମ ଚନ୍ଦନ ଶଙ୍ଖର |
| ୩/୭ | ମାନଗଗନରେ କିବା ଶୁରୁ ଶୁକ୍ର ତାରା | ୩/୭ | × × × × ଗୁରୁ ଶୁକ୍ର ତାରା |
| ୩/୨୦ | ହସ୍ତବଳା ଚେତିକ ଦକ୍ଷିଣ ଚଉତ ମାଇଲ | ୩/୨୦ | ହସ୍ତ × × × ଚଉତ ମାଇଲା । |
| ୪/୭ | କିବା ସେ କାମବାରଣ ବାରଣ କାରଣେ | ୪/୭ | କିବା ସେ କାମ ବାରଣ କାରଣ କାରଣେ |
| ୪/୧୮ | ତୁ ୩୨୪ର ପ୍ରଥମ କୁଇ ଧାଡ଼ି ପର୍ଯ୍ୟନ୍ତ ନାହିଁ | ୪/୧୮ | ତୁ ୩୨୪ର ପ୍ରଥମ କୁଇ ଧାଡ଼ି ପର୍ଯ୍ୟନ୍ତ ନାହିଁ |
| ୫/୮ | ମର୍ଦ୍ଦନ କରୁଛୁ ଏବେ ବେଳରୁ କର୍ଦ୍ଦିନ | ୫/୮ | ସଦନ କରୁଛୁ ଏବେ ବେଳରୁ କର୍ଦ୍ଦନ |
| ୫/୧୨ | ମୁନଏ କହୁବେ ଦ୍ଵେକ୍ଷି ବାଳାକୁ ବନ୍ଧୁନ | ୫/୧୨ | ମୁନଏ କହୁବେ ଦ୍ଵେଷ ବାଳାର ସଦନ |

Digitized by srujanika@gmail.com

| | | | |
|---|---|---|---|
| ୫/୧୩ | କରକୁ ତାହାର କଣ୍ଠକର ନୋହେ ସମ | ୫/୧୩ | କରକୁ ତାହାର ନାଗନ୍ଧର ନୋହେ ସମ |
| ୫/୧୮ | ଶତ୍ତେ ଶତନ୍ତେ କାମବାମ ନାମ ଶସ୍ତ୍ରନୁ | ୫/୧୮ | × × × (ନାହିଁ) |
| ୬/୧ | ସେ ତୋର ରମଣ ଭାବୁଛି | ୬/୧ | ସେ ତୋର ରମଣି ଭାବୁଛି |
| ୬/୬ | ବିରୋଧାଭାସ | ୬/୬ | ଛଳ |
| ୬/୯ | ଛଳ | ୬/୯ | ବିରୋଧାଭାସ |
| ୬/୮ | କରନ୍ତେ ନୃତ୍ୟ ସ୍ତନ ମଦନ ବୃନ୍ଦେ ଖେଳ କି ଖେଳେ | ୬/୮ | କରନ୍ତି ନୃତ୍ୟ ସ୍ତନ ମର୍ଦନ ଗଣ୍ଡେ ଖେଳ କି ଖେଳେ |
| ୬/୧୨ | କୁଞ୍ଜବିହାର | ୬/୧୨ | କୁଞ୍ଜବେହାର |

ଉଭୟ ପୋଥିର ପାଠ ସାମଗ୍ରୀକୁ ବିଶ୍ଳେଷଣ କଲେ ସେଥିରେ ବିଶେଷ ବୈଷମ୍ୟ ପରିଲକ୍ଷିତ ହୁଏ ନାହିଁ । ଦୁଇଟିଯାକ ପୋଥିର ପ୍ରଥମ ଛାନ୍ଦର ୧୮ ପଦ ଓ ୪ର୍ଥ ଛାନ୍ଦର ୧୮ରୁ ୨୪ ପଦ ନ ଥିବାରୁ ଏହାକୁ ଗୋଟିଏ ବଂଶର ପୋଥି ବୋଲି ଗ୍ରହଣ କରାଯାଇପାରେ । ଏତଦ୍‌ ବ୍ୟତୀତ ବଳି ମହାପାତ୍ରଙ୍କ ପୋଥିର ୧/୧୪, ୨/୬, ୩/୬, ୩/୨୦, ୫/୧୮ ପଦ ସମ୍ପୂର୍ଣ୍ଣ ଥିବାବେଳେ 'କ' (ରାଜ୍ୟ ସଂଗ୍ରହାଳୟ) ପୋଥିରେ ଏଥିରୁ ୧/୧୪, ୩/୬, ୩/୨୦ ର ପଦ ଆଂଶିକ ଭାବେ ରହିଛି । କିନ୍ତୁ 'କ' ପୋଥିରେ ୨/୬ ଓ ୫/୧୮ ପଦର ଗୋଟିଏ ଲେଖାଏଁ ଧାଡ଼ି ନାହିଁ ।

ଅର୍ଥ ଓ ଭାବ ଦୃଷ୍ଟିରୁ ବିବେଚନା କଲେ ବଳି ମହାପାତ୍ରଙ୍କ ପୋଥି ଅଧିକ ଶୁଦ୍ଧ ଭଳି ମନେହୁଏ । କିନ୍ତୁ ପୋଥିଦ୍ୱୟର "ତର୍ଜ୍ଜପ୍ରାଶନ କର୍ମି ବ କୃଷ୍ଣକେଶ ଦେଖି" (୫/୯) ପଦରେ ସାମ୍ୟ ଥିଲେ ମଧ୍ୟ ତର୍ଜ୍ଜପ୍ରାଶନର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ବାହାରୁ ନଥିବାରୁ ବିରୋଧାଭାସ ପ୍ରକାଶର ଅନ୍ତର୍ବସ୍ତୁ ସୃଷ୍ଟି ହେଉଛି । ପୋଥି ସଂପାଦନା ସମୟରେ ସମ୍ଭାବିତ ଶବ୍ଦଟିଏ ସଂଯୋଗ କରି ଅର୍ଥ ଆଣିବା ନିମନ୍ତେ ଚେଷ୍ଟା କଲେ ତାହା ଉପେନ୍ଦ୍ରଙ୍କ 'କୁଞ୍ଜବିହାର' କାବ୍ୟର ଅନ୍ୟ ଏକ ପାଠ ରୂପେ ପରବର୍ତ୍ତୀ ସମୟରେ ଗୃହୀତ ହେବା ଆଶଙ୍କାରୁ ସେଭଳି ସଂଯୋଗକୁ ବାଦ୍ ଦିଆଗଲା । ଏଠାରେ ରାହୁ ବା ଗରୁଡ଼ର ପର୍ଯ୍ୟାୟବାଚକ ଗୋଟିଏ ଶବ୍ଦ ବସିବ ବୋଲି ଅନୁମିତ ହୁଏ ।

Digitized by srujanika@gmail.com

'କ' ପୋଥିର ପ୍ରଥମ ଛାନ୍ଦର ୧ମ ଓ ୨ୟ ପଦର ୩ୟ ଧାଡ଼ିରେ କେବଳ 'ପ୍ରଭୁ ହେ' ସମ୍ବୋଧନ ଥିବାବେଳେ ବଳ ମହାପାତ୍ରଙ୍କ ପୋଥିରେ 'ମହାପ୍ରଭୁ ହେ' ରହିଛି । 'କ' ପୋଥିର ଏହି ସ୍ଥାନରେ ଛନ୍ଦ ନିୟମ ଦୃଷ୍ଟିରୁ ଦୁଇଟି ଅକ୍ଷର କମ୍ ରହିବା ସଙ୍ଗେ ସଙ୍ଗେ ଉଭୟ ପୋଥିର ସେହି ଛାନ୍ଦର ୨୩ ପଦର ୩ୟ ଧାଡ଼ିରେ 'ମହାପ୍ରଭୁ' ଶବ୍ଦର ପ୍ରୟୋଗ ଥିବାରୁ ଏହା ମହାପ୍ରଭୁହେ ହେବା ଅଧିକ ଯୁକ୍ତି ସଙ୍ଗତ ।

କେତେକ ସ୍ଥଳରେ 'କ' ପୋଥିର ଲେଖନକାର ପ୍ରାଚୀନ ପରମ୍ପରାନୁସାରେ ବେହାର (୧/୩), କନେକ (୧/୬), ପୁରେଇ (୨/୧୬, ୩/୪୮) ଆଦି ଶବ୍ଦର ପ୍ରୟୋଗ କରିଛନ୍ତି ଓ ପୋଥିଟିର ଶୀର୍ଷକ 'ଶ୍ରୀ କୁଞ୍ଜବେହାର' ରଖିଛନ୍ତି । ବୈଷ୍ଣବ ଧର୍ମାବଲମ୍ବୀମାନେ ବହୁତ ସ୍ଥଳରେ 'ଶ୍ରୀ'ଟିଏ ଲଗାଇ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଯଥା— ଶ୍ରୀ ବୃନ୍ଦାବନ, ଶ୍ରୀ ପାଦପଦ୍ମ, ଶ୍ରୀଚରଣ, ଶ୍ରୀହସ୍ତ ଆଦି । ତେଣୁ ଅନୁମିତ ହୁଏ 'କ' ପୋଥିର ଲେଖନକାର ଏହି ପରମ୍ପରାକୁ ଅନୁସରଣ କରି କାବ୍ୟଟିର ନାମକୁ ଏପରି ଲେଖିଛନ୍ତି । କିନ୍ତୁ ଉପେନ୍ଦ୍ର ଭଞ୍ଜ ଯେ କି ଶବ୍ଦସାଗରର ପାରି ହୋଇଥିଲେ ସେ ଏଭଳି ଶବ୍ଦ ଲେଖିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ । କବି ସ୍ୱରଚିତ ଛନ୍ଦକାବ୍ୟ ବଇଦେହୀଶ ବିଳାସ ଗ୍ରନ୍ଥରେ 'କୁଞ୍ଜବିହାର' ବୋଲି କାବ୍ୟର ନାମ ଉଲ୍ଲେଖ କରିଥିବାରୁ ସମ୍ପାଦନା ସମୟରେ ଏହାର ନାମ ଶ୍ରୀ କୁଞ୍ଜବେହାର ନରଖି 'କୁଞ୍ଜବିହାର' ରଖାଯାଇଛି । ପୁନଶ୍ଚ କୁଞ୍ଜ ଏକ ବସ୍ତୁବାଚକ ଶବ୍ଦ ହୋଇଥିବାରୁ ନାନା ଶବ୍ଦ ଅର୍ଥ ଓ ବ୍ୟାକରଣାଦିରେ ବିଚକ୍ଷଣ ଉପେନ୍ଦ୍ର ଭଞ୍ଜ ସେଥିରେ 'ଶ୍ରୀ' ପ୍ରୟୋଗ କରି ନଥିବେ ବୋଲି ଆଶା କରିଯାଇପାରେ ।

'କ' ପୋଥିର ପ୍ରଥମ ଛାନ୍ଦର ୯ମ ପଦରେ ବୃନ୍ଦାବନ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ "ସୁରପୁର ପ୍ରାୟେ ଉପମା ହୋଇଛି ସୁମନସ ଖେଦେ ଶୋହୁଛି" ଉଲ୍ଲେଖ ଥିବାବେଳେ ବଳ ମହାପାତ୍ରଙ୍କ ପୋଥିରେ "ସୁମନ ସଭା ସେ ଶୋହୁଛି" ଅଛି । ଅର୍ଥ ଦୃଷ୍ଟିରୁ ବିବେଚନା କଲେ 'କ' ପୋଥିରେ ଥିବା 'ସୁମନସ ଖେଦେ' କିଛି ନିର୍ଦ୍ଦିଷ୍ଟ ଅର୍ଥ ପ୍ରଦାନ କରୁନାହିଁ । କିନ୍ତୁ ଅନ୍ୟ ପୋଥିଟିର ଅର୍ଥ ଦେବତାମାନଙ୍କ ସଭା ସଦୃଶ ଶୋଭା ପାଉଛି ଅଧିକ ଉପଯୁକ୍ତ ଭଳି ମନେହୁଏ ।

Digitized by srujanika@gmail.com

[ ]

'କ' ପୋଥିର ଦ୍ୱିଶପ୍ତ ଛାନ୍ଦର ୬ଷ୍ଠ ପଦରେ 'ନାସା ମୁଦାବର' ଲିଖିଛନ୍ତି । ଯଦି ଏହାକୁ 'ନାସା ମୁକ୍ତାବର' ବା 'ମୋତିବର' ବୋଲି ଗ୍ରହଣ କରାଯାଏ ତେବେ ନାସାରେ ପିନ୍ଧିଥିବା ମୁକ୍ତା/ମୋତିକୁ ବୁଝାଇବ । କିନ୍ତୁ 'ନାସା ମୁକ୍ତାବର ଗଣ୍ଡକର ମଣ୍ଡକୁ କାତର କରଇବ' କହିବା ବେଳେ କିଛିଏ ଅପ୍ରାସଙ୍ଗିକ ଲାଗୁଛି । ଅନ୍ୟ ପୋଥିଟିରେ ଥିବା 'ନାସା ଶୁକବର, ଗଣ୍ଡରେ ମଣ୍ଡି କରନ୍ତି କାତର' ବିଶେଷ ପ୍ରାସଙ୍ଗିକ ପରି ମନେହୁଏ । କାରଣ କବି ଏହିପଦରେ ଉରଜକୁ କରୀ, କଟିକୁ ହରି ସହିତ ତୁଳନା କରିବା ବେଳେ ନାସାକୁ ଅନ୍ୟ ଏକ ପ୍ରାଣୀବାଚକ ଶବ୍ଦ 'ଶୁକବର' ସହିତ ତର୍କଣା କରିବା ଅଧିକ ଯୁକ୍ତିଯୁକ୍ତ ।

ସେହିଭଳି 'କ' ପୋଥିରେ ୫ମ ଛାନ୍ଦର ୧୨ଶ ପଦରେ ଗିରିଶ ଉରଜକୁ ଗ୍ରହି ଚକିତ ହେବା କଥା କୁହାଯିବା ବେଳେ ମୁନିଏ ବାଳାର ସଦନକୁ ଦେଖି କହିବା ଅପ୍ରାସଙ୍ଗିକ ପରି ବୋଧହୁଏ । ଏହି ସ୍ଥଳରେ ବର୍ଣ୍ଣନା ଦୃଷ୍ଟିରୁ ଅନ୍ୟପୋଥିରେ ଥିବା 'ବଦନ' ଶବ୍ଦଟି ଅଧିକ ପ୍ରାସଙ୍ଗିକ ।

'କ' ପୋଥିର ୫/୧୩ ପଦରେ "କରକୁ ତାହାର କାଗଜର ନୋହେ ସମ" ଥିବା ବେଳେ ଅନ୍ୟ ପୋଥିଟିରେ "କରକୁ ତାହାର କରୀକର ନୋହେ ସମ" ବୋଲି ଉଲ୍ଲେଖ ଅଛି । ଦୁଇଟି ପାଠକୁ ତୁଳନା କଲେ ଅନ୍ୟପୋଥିଟିର ପାଠ ଅଧିକ ସଙ୍ଗତ ଭଳି ମନେହୁଏ । କାରଣ ଏହାର ପରବର୍ତ୍ତୀ ପଦରେ ରୋମାବଳୀକୁ ମଧୁସୂଦନ ନିକର (ଭ୍ରମର ସମୂହ) ଓ କଟୀକୁ ହରି (ସିଂହ) ସହିତ ତୁଳନା କରାଯାଇଥିବାରୁ ଏଠାରେ କରୀକର ଶବ୍ଦ ପ୍ରୟୋଗ ହେବାର ସମ୍ଭାବନା ରହିଛି । ପୁନଶ୍ଚ ପ୍ରାଚୀନ ସାହିତ୍ୟରେ ହାତକୁ କରୀକର (ହସ୍ତୀଶୁଣ୍ଢ) ସହିତ ତୁଳନା କରାଯାଇଥିବାର ଦେଖିବାକୁ ମିଳେ ।

ରାଧାକୃଷ୍ଣଙ୍କର ବିପରୀତ ରତିକ୍ରୀଡ଼ାର ବର୍ଣ୍ଣନା ପ୍ରସଙ୍ଗରେ 'କ' ପୋଥି (୭।୮)ରେ "କରନ୍ତ ନୃତ୍ୟ ସ୍ତନ ମର୍ଦ୍ଦନ ଗଣ୍ଡେ ଖେଳ କ ଖେଳେ" ଥିବା ବେଳେ ଅନ୍ୟ ପୋଥିଟିରେ "କରନ୍ତେ ନୃତ୍ୟ ସ୍ତନ ମର୍ଦ୍ଦନ ଗଣ୍ଡେ ଖେଳ କ ଖେଳେ" ବୋଲି ଉଲ୍ଲେଖ ରହିଛି । ପାଠଦ୍ୱୟକୁ ବିଶ୍ଳେଷଣ

Digitized by srujanika@gmail.com

କଲେ ଉଭୟ ଅର୍ଥର ଯଥାର୍ଥତା ପରିଲକ୍ଷିତ ହୁଏ । କିନ୍ତୁ 'ଚ' ପୋଥିରେ ଥିବା ସ୍ତନର ନୃତ୍ୟ, ମର୍ଦ୍ଦନ ଏବଂ ଗଣ୍ଡଦେଶରେ ଖେଳ ଖେଳିବା ମଧ୍ୟରୁ 'ମର୍ଦ୍ଦନ' ଶବ୍ଦଟି ଟିକିଏ ଅପ୍ରାସଙ୍ଗିକ ଭଳି ମନେହୁଏ । ଅନ୍ୟ ପୋଥିଗୁଡ଼ିକରେ ଥିବା ମଦନ ଶୀଘ୍ରେ ଖେଳ ଖେଳିବା ଅଧିକ ଯୁକ୍ତି ସଙ୍ଗତ ପରି ଜଣାଯାଏ । କାରଣ ଏହି ବର୍ଣ୍ଣନାର ପୂର୍ବରୁ 'ମାରକୁ ମାର ବୋଲି କମ୍ପୁଅଛି ଧ୍ୱଜ' (୭।୫), "ଯେ ବେଳେ ମଦନ ଅନ୍ତରେ ଯେ ଲୁଚିବୁ କାହିଁ' (୭।୭) ଆଦି କହି ମଦନକୁ ବିବାଦ ପାଇଁ ଆହ୍ୱାନ ଜଣାଇବା ପରେ ମଦନ ସ୍ତନ ନୃତ୍ୟ ଦ୍ୱାରା ଶୀଘ୍ରେ (ଶୀଘ୍ର) କି ଖେଳ ଖେଳିବ, ସେ ସମ୍ଭାବନାକୁ ପ୍ରକାଶ କରିବା ପାଇଁ ଯାଇଁଛନ୍ତି । ଏହାର ପରବର୍ତ୍ତୀ ପଦରେ ହରି ଗିରି ବିସ୍ତର ଉପରେ ସ୍ତନକୁ ଧାରଣ କରିବା କଥାକୁ ତର୍କଣା କରି

"ଇନ୍ଦ୍ର ବିବାଦେ ଗୋବର୍ଦ୍ଧନକୁ ମୂର୍ଦ୍ଧରେ ଥିଲେ ଧରି
କାମ ବିବାଦେ ଧଇଲେ ଏବେ ବେନି ରତନଗିରି ।" (୭।୮)

କହିବା ଦ୍ୱାରା କବିଙ୍କ ମନୋଭାବ ସ୍ପଷ୍ଟ ରୂପେ ପ୍ରତିଭାତ ହେଉଛି ।

ଏହି ସବୁ ଦୃଷ୍ଟି ଭଙ୍ଗୀରୁ ବିଚାର କଲେ ସଂଗୃହୀତ ଦୁଇଟି ପାଠ ମଧ୍ୟରୁ ବଳି ମହାପାତ୍ରଙ୍କ ପୋଥିର ପାଠ ଅଧିକ ଶୁଦ୍ଧ ତଥା ଭଞ୍ଜଙ୍କ ପାଠର ନିକଟବର୍ତ୍ତୀ ପରି ମନେ ହେବାରୁ ତାହାକୁ ମୂଳପାଠ ରୂପେ ଅଯାଚିତଃ ଗ୍ରହଣ କରାଯାଇଛି ।

## କୁଞ୍ଜବିହାର ଗ୍ରନ୍ଥର ପିତୃତ୍ୱ

'କୁଞ୍ଜବିହାର' କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ସାତ ଛାନ୍ଦ ଯୁକ୍ତ ଏକ କ୍ଷୁଦ୍ର ଅଥଚ ଅପୂର୍ବ ବୈଶିଷ୍ଟ୍ୟ ଶ୍ରୀକୃଷ୍ଣ ଚରିତ ମୂଳକ କାବ୍ୟ । କାବ୍ୟଟିରେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ (୧ମ, ୪ର୍ଥ, ୫ମ, ୬ଷ୍ଠ ଛାନ୍ଦରେ) ଉପଇନ୍ଦ୍ର ମଙ୍ଗରାଜ (୨ୟ ଛାନ୍ଦରେ), ଭଞ୍ଜ ଉପଇନ୍ଦ୍ର (୩ୟ ଛାନ୍ଦରେ), ଓ ଉପଇନ୍ଦ୍ର ଭଞ୍ଜ (୭ମ ଛାନ୍ଦରେ) ଭଣିତା ଦେଖିବାକୁ ମିଳେ । ଏହା ମଧ୍ୟରୁ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ଭଣିତା କବିଙ୍କ ଦ୍ୱାରା ରଚିତ ଚଉପଦୀଭୂଷଣ (୨୫), ଶବ୍ଦକାବ୍ୟ ବନ୍ଧୋଦୟ (୨୬), ଯମକରାଜ ଚଉତିଶା (୩୪ପଦ)ରେ ଉପଇନ୍ଦ୍ର ମଙ୍ଗରାଜ ଭଣିତା ଛବିବତୀ (୬/୧୭), ଚଉପଦୀ ଭୂଷଣ (୨୭),

Digitized by srujanika@gmail.com

ଭଞ୍ଜ ଉପଇନ୍ଦ୍ର ଭଣିତା ଛନ୍ଦକାବ୍ୟ ବନ୍ଧୋଦୟ (୧୬), ବୈଦେହୀଶ ବିଳାସ (୨୮); ରସପଞ୍ଚକ (୨୯), ରସଲେଖା (୩୦), ଲାବଣ୍ୟବତୀ (୩୧), ସୁଭଦ୍ରା ପରିଣୟରେ (୩୨) ଓ ଉପଇନ୍ଦ୍ର ଭଞ୍ଜ ଭଣିତା କବିଙ୍କର ଅଧିକାଂଶ କାବ୍ୟ ଗ୍ରନ୍ଥରେ (୩୩) ଦେଖିବାକୁ ମିଳେ । ଭଣିତା ଦୃଷ୍ଟିରୁ ବିଚାର କଲେ ଏହା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ଓ ଛନ୍ଦକାବ୍ୟ ବନ୍ଧୋଦୟ ଦ୍ୱାରା ମଧ୍ୟ ସ୍ୱୀକୃତ ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ୱରଚିତ ସର୍ବଶ୍ରେଷ୍ଠ କୃତିଗୁଡ଼ିକରେ ମଙ୍ଗଳାଚରଣ ଉପାଧିର ପ୍ରୟୋଗ କରିନଥିଲେ ମଧ୍ୟ ନିଜର ପ୍ରାରମ୍ଭିକ କ୍ଷୁଦ୍ର କ୍ଷୁଦ୍ର କାବ୍ୟ, କେତେକ ଚଉତିଶା ଚଉପଦୀ ଓ ଛନ୍ଦକାବ୍ୟ ବନ୍ଧୋଦୟରେ ଏହି ଉପାଧିର ପ୍ରୟୋଗ କରିଛନ୍ତି ।

## ବିଷୟ ବିନ୍ୟାସ

ଉପେନ୍ଦ୍ର ଭଞ୍ଜ 'କୁଞ୍ଜବିହାର' ପ୍ରାରମ୍ଭରେ ମଧ୍ୟଯୁଗୀୟ କାବ୍ୟ-ଦର୍ଶାନୁଯାୟୀ ଆଶୀର୍ନମସ୍କ୍ରିୟା, ବସ୍ତୁ ନିର୍ଦ୍ଦେଶ ଆଦି ବିଧାନକୁ ଗ୍ରହଣ କରି କାବ୍ୟଟିକୁ ରଚନା କରିଛନ୍ତି । କାବ୍ୟରେ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କରି ତାପରେ ବସ୍ତୁ ନିର୍ଦ୍ଦେଶରେ କହିଛନ୍ତି :—

"କରିବି କୁଞ୍ଜବିହାର ନାମେ ଗୀତ ହେବ ସୁଧାରସ ମୂରତି ।
କହିବି ରାଧାମାଧବ ସୁଧାକେଳି ସୁଜନେ ଶୁଣ ଏଥୁ ଅନ୍ତ ।" (୧୩)

ବସ୍ତୁ ନିର୍ଦ୍ଦେଶ ପରେ ବସନ୍ତର ପ୍ରାଚୁର୍ଯ୍ୟ, ଛଳୋକ୍ତି ମଧ୍ୟରେ ବୃକ୍ଷଲତାର ବର୍ଣ୍ଣନା, ରାଧା ଓ ସଖୀମାନଙ୍କର ହାସ ପରିହାସ ମଧ୍ୟରେ ଯମୁନା ତୀରରେ ପ୍ରବେଶ ଆଦିକୁ କବି ନିଖୁଣ ଭାବରେ ଚିତ୍ରଣ କରିଛନ୍ତି । ୨ୟ ଛାନ୍ଦରେ ଯମୁନାକୁ ନାରୀ ସହିତ ତୁଳନା, ରାଧା ଓ ସଖୀମାନଙ୍କର ଯମୁନାରେ ଜଳକ୍ରୀଡ଼ା ଓ ପରିହାସ ମୂଳକ କଥୋପକଥନ, ସ୍ନାନାନ୍ତେ ଆର୍ଦ୍ର ଶୁକ୍ଳ ବସ୍ତ୍ର ପରିଧାନ କରିଥିବା ରାଧାଙ୍କର ପ୍ରତ୍ୟାବର୍ତ୍ତନ କାଳୀନ ଦୃଶ୍ୟ ବର୍ଣ୍ଣିତ ହୋଇଛି । ୩ୟ ଛାନ୍ଦରେ ପ୍ରତ୍ୟାବର୍ତ୍ତନ ସମୟରେ କାଳିନ୍ଦୀ କୂଳରେ ରାଧା ଓ କୃଷ୍ଣ ପରସ୍ପରକୁ ଦେଖିବା ପରେ ଉଭୟଙ୍କ ମନରେ ଦର୍ଶନ ଜନିତ ଦ୍ୱିବିଧା

Digitized by srujanika@gmail.com

ସୃଷ୍ଟି ହେବା ସଙ୍ଗେ ସଙ୍ଗେ ପରସ୍ପର ପରସ୍ପରକୁ ପାଇବା ନିମନ୍ତେ ଆକୁଳିତ ତଥା ବ୍ୟାକୁଳିତ ହୋଇଛନ୍ତି । ୪ର୍ଥ ଛନ୍ଦରେ କାମପୀଡ଼ାରେ ଜର୍ଜରିତା ରାଧା କୋକିଳ, ଭୃଙ୍ଗ, ମଧୁପ, ମଳୟ ଓ ଚନ୍ଦ୍ର ଆଦିଙ୍କୁ ନିନ୍ଦା କରିବା ସଙ୍ଗେ ମୁରଲୀଧର ଶ୍ରୀକୃଷ୍ଣଙ୍କର ପରିଚୟ ପାଇବା ନିମନ୍ତେ ପ୍ରିୟସଖୀକୁ ବିହ୍ୱଳ ପ୍ରଶ୍ନ ପଚାରିଛନ୍ତି । ୫ମ ଛନ୍ଦରେ ରାଧାପ୍ରାଣର ବ୍ୟାକୁଳତା ତଥା ପରିବେଶକୁ ଦେଖି ସଖୀ ନଟନାଗର କୃଷ୍ଣଙ୍କ ପାଖକୁ ଯାଇ ରାଧାର ଖେଦୋକ୍ତି କହି ଉଭୟଙ୍କର ମିଳନ ପାଇଁ ଉଦ୍ୟମ କରିଛି । କିନ୍ତୁ ଏହି ଖେଦୋକ୍ତି ମଧ୍ୟରେ ବିଶେଷ ଉତ୍କଣ୍ଠା ଭାବ ପରିଲକ୍ଷିତ ହୁଏ ନାହିଁ । ୬ଷ୍ଠ ଛନ୍ଦରେ ସଖୀ ରାଧାଙ୍କ ଆଗରେ କୃଷ୍ଣଙ୍କର ବିରହ କଥା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଅପୂର୍ବ ଶୋଭା ବିମଣ୍ଡିତ ଯମୁନାତୀରସ୍ଥ ମାଧବୀଲତା ପୂର୍ଣ୍ଣ କେଳିକୁଞ୍ଜରେ ନଟନାଗର ମୁରଲୀଧରଙ୍କ ପାଖରେ ରାଧାଙ୍କୁ ପହଞ୍ଚାଇଛି । କୃଷ୍ଣଙ୍କ ଦର୍ଶନରେ ତଥା ଚାଟୂକ୍ତି ଶ୍ରବଣରେ ରାଧା ପୁଲକିତା ହୋଇଛନ୍ତି । ପୁଲକିତା ରାଧାଙ୍କୁ ମାଧବୀଲତା ତଳେ କୋଳରେ ଧରି କୃଷ୍ଣ ବିଭିନ୍ନ ଅଳଙ୍କାରରେ ଭୂଷିତ କରିବା ପରେ ୭ମ ଛନ୍ଦରେ କବି ରାଧାକୃଷ୍ଣଙ୍କର ରତିକ୍ରୀଡ଼ା କଥା ବର୍ଣ୍ଣନା କରି କାବ୍ୟଟିକୁ ସମାପ୍ତ କରିଛନ୍ତି ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ରାଧାକୃଷ୍ଣଙ୍କର କୁଞ୍ଜ ମଧ୍ୟରେ ସମ୍ଭୋଗ ବର୍ଣ୍ଣନାକୁ ଏଭଳି କଳାତ୍ମକ ତଥା ଲୀଳାତ୍ମକ ରୂପେ ଉପସ୍ଥାପନ କରି ନିଜ କାବ୍ୟନାମର ସାର୍ଥକତା ପ୍ରତିପାଦନ କରିପାରିଛନ୍ତି । କିନ୍ତୁ କବିଙ୍କର ବିଷୟବସ୍ତୁ ପରିକଳ୍ପନା ମୂଳରେ ପୂର୍ବସୂରୀମାନଙ୍କର ଅବଦାନ ଯଥେଷ୍ଟ ପରିମାଣରେ ରହିଥିବା ପରି ଅନୁମିତ ହୁଏ ।

## ବିଷୟ ପରିକଳ୍ପନାର ପୃଷ୍ଠଭୂମି

ଉପେନ୍ଦ୍ର ଭଞ୍ଜଙ୍କ ବହୁପୂର୍ବରୁ ଉତ୍କଳୀୟ କବି ଜୟଦେବ ରାଧା ଓ କୃଷ୍ଣଙ୍କର ସମ୍ଭୋଗ ବର୍ଣ୍ଣନାକୁ ନେଇ ସଂସ୍କୃତ ଭାଷାରେ ଲଳିତ କୋମଳ ପଦାବଳୀ ବିଶିଷ୍ଟ 'ଶ୍ରୀ ଗୀତଗୋବିନ୍ଦ' କାବ୍ୟ ରଚନା କରିସାରିଥିଲେ । ଏହାପରେ ଓଡ଼ିଆ ଭାଷାରେ ମଧ୍ୟ ବିଭିନ୍ନ ପୁରାଣ, ଚଉତିଶା, ବୋଲି, କେଳିସାହିତ୍ୟ ଓ କାବ୍ୟାଦିରେ ରାଧାକୃଷ୍ଣଙ୍କ ସମ୍ଭୋଗ ତଥା ରତିକ୍ରୀଡ଼ାର ଚିତ୍ର ଦେଖିବାକୁ ମିଳେ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ଆନ୍ଧ୍ର କବି ସ୍ୱରଚିତ ମହାଭାରତ ମଧ୍ୟରେ ରାଧାକୃଷ୍ଣଙ୍କର ରତିକ୍ରୀଡ଼ା (୩୪), ମାଧବୀ ଲତା ତଳେ ରାଧାକୃଷ୍ଣଙ୍କର ବିପରୀତ ରତି (୩୫) ଓ ଯମୁନାକୁ ସ୍ନାନ ପାଇଁ ଯାଉଥିବା ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ରତି ଯାଚ୍ଞା ଓ ଶୃଙ୍ଗାର (୩୬) ଆଦିର ମନୋରମ ବର୍ଣ୍ଣନା କରିଛନ୍ତି । ମହାଭାରତର ଏ ସମସ୍ତ ବର୍ଣ୍ଣନା ବିଶେଷ ଭାବେ ଶାଳୀନତା ତଥା ସଂଯମତାର ସୀମାଲଙ୍ଘନ କରିଥିବା ପରି ମନେ ହୁଏନା । କିନ୍ତୁ ଅଚ୍ୟୁତାନନ୍ଦଙ୍କ ହରିବଂଶ ପୁରାଣରେ ରାଧାକୃଷ୍ଣଙ୍କର ପ୍ରେମଲୀଳାକୁ ଉତ୍କଟ ଯୌନ ଲୀଳାରେ ପରିଣତ କରାଯିବା ସଙ୍ଗେ ସଙ୍ଗେ ରାଧାଙ୍କ ସହିତ କୃଷ୍ଣଙ୍କର ଶୃଙ୍ଗାର କ୍ରୀଡ଼ା ମଧ୍ୟରେ ରାଧାଙ୍କର ଉଗ୍ରକାମୁକତାକୁ (୩୭) ପରିବେଷଣ କରି କବି ଉଲ୍ଲେଖ କରିଛନ୍ତି :—

"ଭୁଜେ ଭୁଜ ଭିଡ଼ି ଅଧରେ ଚୁମ୍ବନ
ନଖଦନ୍ତ ଘାତେ କେଳି ବହୁଧ ବିଧାନ ।
ଗୁହ୍ୟରତ ପରିହାସ୍ୟ ରତ ନାନାରଙ୍ଗେ ଛନ୍ଦ
ମନୁଷ୍ୟରତି ଗନ୍ଧର୍ବରତ ଦେବତୁ ଅଷ୍ଟବର୍ଗ ।

(ଦ୍ୱାଦଶ ଅଧ୍ୟାୟ)

ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବବର୍ତ୍ତୀ କବି ଦାମୋଦରଙ୍କ ରସକୁଲ୍ୟା ଚଉତିଶା (୩୮), ଲୋକନାଥ ଧୀବରଙ୍କ 'ରସକଦମ୍ବ ଚଉତିଶା' (୩୯), ରଥି ଦାସଙ୍କ 'ଅଳଙ୍କାର ବୋଲି' (୪୦) ଓ ବ୍ରଜଦାସଙ୍କ 'ଘାଟ ବୋଲି', (୪୧) ଆଦି ମଧ୍ୟରେ ରାଧାକୃଷ୍ଣଙ୍କ ରତିକ୍ରୀଡ଼ାର ନଗ୍ନଚିତ୍ର ଦେଖିବାକୁ ମିଳେ । ବୋଲି ସାହିତ୍ୟ ମଧ୍ୟରେ ନଟନାଗର ଶ୍ରୀକୃଷ୍ଣ ବିଭିନ୍ନ କୌଶଳ ଅବଲମ୍ବନ କରି ରାଧାଙ୍କ ସହିତ କେବଳ ରତିକ୍ରୀଡ଼ାରେ ମନୋନିବେଶ କରିନାହାନ୍ତି ବରଂ ପ୍ରେୟସୀ ପ୍ରାଣପ୍ରିୟା ରାଧାଙ୍କୁ ଆସନ୍ନ ବିପଦରୁ ଉଦ୍ଧାର କରିବା ନିମନ୍ତେ ନିଜର ଅଲୌକିକ ମହିମା ମଧ୍ୟ ପ୍ରଦର୍ଶନ କରିଛନ୍ତି । ଏହାର ମଧ୍ୟରେ କୃଷ୍ଣ ଚରିତ୍ରର ରତି ସର୍ବସ୍ୱ ଲମ୍ପଟ ଭାବ ବିଶେଷ ଭାବେ ପରିପ୍ରକାଶ ଲାଭ କରିଛି ।

କେଳି ସାହିତ୍ୟ ମଧ୍ୟରେ ଅଚ୍ୟୁତାନନ୍ଦଙ୍କ ହରିବଂଶୋକ୍ତ ଭୂତକେଳି, ନାରିକେଳି, ଘନକୃଷ୍ଣ ଦାସଙ୍କ ଭୂତକେଳି (୪୨) ଆଦିରେ ରାଧାକୃଷ୍ଣଙ୍କର ରତିକେଳିର ବିସ୍ତୃତ ଚିତ୍ର ପ୍ରଦାନ କରାଯାଇଛି । ଏଥିରେ ସମ୍ଭୋଗର ଚିତ୍ର

Digitized by srujanika@gmail.com

ଅତ୍ୟନ୍ତନଗ୍ନ ତଥା ବିଭିନ୍ନ ରୂପ ଧାରଣ କରିଥିଲେ ମଧ୍ୟ ରାଧାଙ୍କ ସହିତ ମିଳିତ ହେବା ନିମନ୍ତେ କୃଷ୍ଣ କିପରି ବିଭିନ୍ନ କପଟ ପନ୍ଥା ଅବଲମ୍ବନ କରିଛନ୍ତି ତାହା ଦର୍ଶାଯାଇଛି ।

ଏତଦ୍ ବ୍ୟତୀତ ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ ରଚିତ ନରସିଂହ ସେଣଙ୍କ ଗୋପକାବ୍ୟ, ଗ୍ରନ୍ଥ ଇଚ୍ଛାବତୀକାର ବନମାଳୀ ଦାସଙ୍କର ବନମାଳୀ ବିଳାସ (୪୩), ରଣପୁର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ବ୍ରଜବିହାର, ବିପ୍ର ମନ୍ଦରଧର ଭାଗୀରଥିଙ୍କ ରାଧାବିଳାସ (୪୪) ଆଦି ପ୍ରାଚୀନ କାବ୍ୟରେ ରାଧାକୃଷ୍ଣଙ୍କ ସମ୍ଭୋଗର ବିସ୍ତୃତ ତଥା ନିଖୁଣ ବର୍ଣ୍ଣନା ଦେଖିବାକୁ ମିଳେ । ନରସିଂହ ସେଣଙ୍କ ଗୋପକାବ୍ୟରେ ରାଧାକୃଷ୍ଣଙ୍କର ରତିକ୍ରୀଡ଼ାର ବର୍ଣ୍ଣନା ଥିଲେ ମଧ୍ୟ ଏଥିରେ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଭାବ ସୁସ୍ପଷ୍ଟ । କିନ୍ତୁ ବନମାଳୀ ଦାସଙ୍କ ବନମାଳୀ ବିଳାସରେ ରାଧାକୃଷ୍ଣଙ୍କ କେଳି କଥାକୁ ଭିନ୍ନ ରୂପେ ରୂପାୟନ କରାଯାଇଛି । କବି ଏଥିରେ ରାଧାଙ୍କୁ ଲୌକିକ ଗୁଣ ସମ୍ପନ୍ନା ହେଲେ ହେଁ ସଂସାରର ଏକ ସାଧାରଣ ପରମାସୁନ୍ଦରୀ ନାରୀ ରୂପେ ଚିତ୍ରଣ କରିଛନ୍ତି । ଶିଶୁ କୃଷ୍ଣଙ୍କ ରୂପ ଦର୍ଶନରେ ରାଧା କାମବିହ୍ୱଳା ହେବା କଥା ସୁନ୍ଦର ରୂପେ ବର୍ଣ୍ଣନା କରାଯାଇଛି । କବି ଛଳନାମୟୀ ରାଧାଙ୍କର କୃଷ୍ଣଙ୍କ ସହିତ ଗୋପନ ରତିକ୍ରୀଡ଼ା ସମ୍ପର୍କରେ ଏକ ନୂତନ କଥାବସ୍ତୁର ଅବତାରଣା କରିଛନ୍ତି । ଶ୍ରୀରାଧାଙ୍କ ଅଙ୍ଗସଙ୍ଗର ମୋହକୁ ଦୂରେଇ ନପାରି ନାରୀବେଶରେ କୃଷ୍ଣ ରାଧାପୁରରେ ପ୍ରବେଶ କରିବା, ରାଧାଙ୍କଠାରୁ ପଦାଘାତ ପ୍ରାପ୍ତି ଦ୍ୱାରା ଅପମାନିତ ଓ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ବଂଶୀ ସାହାଯ୍ୟରେ ରାଧାଙ୍କୁ ବଶୀଭୂତ କରି ସମ୍ଭୋଗ କରିବା ଆଦି ବର୍ଣ୍ଣନା ସମୟରେ କବି ସାରଳାଦାସଙ୍କ ମହାଭାରତ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶର ପ୍ରଭାବକୁ ଏଡ଼ାଇ ପାରିନାହାନ୍ତି । ଏପରିକି ହରିବଂଶର ଭୂତକେଳି ପ୍ରସଙ୍ଗକୁ କବି ମଧ୍ୟ ଅବିକଳ ଭାବରେ ଅନୁସରଣ କରିଛନ୍ତି ।

ରଣପୁର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ 'ବ୍ରଜବିହାର' ଓ ବିପ୍ର ମନ୍ଦରଧର ଭାଗୀରଥିଙ୍କ 'ରାଧାବିଳାସ' କାବ୍ୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କୁଞ୍ଜବିହାର ପୂର୍ବରୁ ରଚିତ ହୋଇଲେ ମଧ୍ୟ ଏଥିରେ ରାଧାକୃଷ୍ଣଙ୍କର ଉଦ୍ଦାମ ରତିକ୍ରୀଡ଼ା କବିଙ୍କ ଲେଖନୀ ସ୍ପର୍ଶରେ ଶାଳୀନତାର ସୀମାକୁ ଅତିକ୍ରମ

Digitized by srujanika@gmail.com

କରଯାଇଛି । ତେଣୁ ଭକ୍ତିଭାବ ଅପେକ୍ଷା ଶୃଙ୍ଗାରିକତାର ପ୍ରାବଲ୍ୟ ଉକ୍ତ କାବ୍ୟଦ୍ୱୟରେ ବିଶେଷ ଭାବରେ ପରିଲକ୍ଷିତ ହୁଏ ।

ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ ରଚିତ ଉପରୋକ୍ତ ପୁରାଣ, ଚଉତିଶା, କେଳିସାହିତ୍ୟ ଓ କାବ୍ୟାଦିରେ ବର୍ଣ୍ଣିତ ରାଧାକୃଷ୍ଣଙ୍କ ସମ୍ଭୋଗର ଚିତ୍ର ବିଶେଷ ଭାବରେ ପ୍ରଦର୍ଶିତ ହେଉଥିଲା । ପ୍ରାରମ୍ଭିକ ଅବସ୍ଥାରେ ରାଧାକୃଷ୍ଣଙ୍କ ପ୍ରେମ ପ୍ରସଙ୍ଗରେ ଦିବ୍ୟଭାବ ଅନୁଭୂତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ଜୟଦେବଙ୍କ 'ଗୀତଗୋବିନ୍ଦ', ସାରଳାଦାସଙ୍କ 'ମହାଭାରତ' ତଥା ଅଚ୍ୟୁତାନନ୍ଦଙ୍କ 'ହରିବଂଶ' ଆଦି ପ୍ରଭାବରେ ଓଡ଼ିଆ କାବ୍ୟରେ ରାଧା ଓ କୃଷ୍ଣଙ୍କଠାରେ କାମୁକତା, ରାଧାକୃଷ୍ଣଙ୍କ ପ୍ରେମ ରୂପେ ଗୋପନ ରତିକ୍ରୀଡ଼ା, ତଥା ସମ୍ଭୋଗର ନଗ୍ନ ରୂପକୁ ବିଶେଷ ଭାବେ ପ୍ରାଧାନ୍ୟ ଦେଇ ଚିତ୍ରଣ କରାଗଲା । ପାଠକର ମନକୁ ଆକୃଷ୍ଟ କରି ଯୁଗରୁଚିକୁ ସୁହାଇଲା ଭଳି ଏତାଦୃଶ କାବ୍ୟ ରଚନା ନିମନ୍ତେ କବିମାନେ ଉଦ୍‌ଗ୍ରୀବ ଥିଲେ । କେବଳ ସେତିକି ନୁହେଁ ବିଳାସବ୍ୟସନ, କେଳି କଳା ତଥା ଅବଦମିତ କାମପିପାସାକୁ ପ୍ରକାଶ କରିବା ନିମନ୍ତେ କାବ୍ୟର ନାୟକ ନାୟିକାଙ୍କୁ କୃଷ୍ଣ ରାଧାଙ୍କ ପ୍ରଲେପ ଦେଇ ଉପସ୍ଥାପନ କଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି ସ୍ରୋତରୁ ନିଜକୁ ପ୍ରାରମ୍ଭିକ ଅବସ୍ଥାରେ ମୁକ୍ତ କରିପାରି ନ ଥିଲେ ।

## ଉପେନ୍ଦ୍ର ଭଞ୍ଜଙ୍କ କୃଷ୍ଣଚରିତ ମୂଳକ ଚଉପଦୀ ଓ କାବ୍ୟ :

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖନୀ ଚାଳନା କରିବାର ବହୁ ପୂର୍ବରୁ ଓଡ଼ିଶାରେ କୃଷ୍ଣକାବ୍ୟର ପରମ୍ପରା ସୃଷ୍ଟି ହୋଇ ସାରିଥିଲା । କୃଷ୍ଣଙ୍କର ବିଭିନ୍ନ ଲୀଳାକୁ କେନ୍ଦ୍ର କରି କାବ୍ୟ, କବିତା, ଚଉପଦୀ, ପୋଇ, ଚଉତିଶା, କୋଇଲି, ବୋଲି ଆଦିର ସୃଷ୍ଟି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଆରମ୍ଭ କରିଥିଲା । ତେଣୁ ଉପେନ୍ଦ୍ର ଭଞ୍ଜ ଏ ଧାରାରୁ ନିଜକୁ ମୁକ୍ତ କରି ନପାରି କେତେକ ଚଉତିଶା ଚଉପଦୀ ସହିତ କୁଞ୍ଜବିହାର, କଳା କଉତୁକ ଓ ଛାନ୍ଦଭୂଷଣ ଆଦି କାବ୍ୟ ରଚନା କରି ନିଜର କୃଷ୍ଣୈକପ୍ରାଣତାର ପରିଚୟ ଦେଇଛନ୍ତି ।

ଉପେନ୍ଦ୍ର ଭଞ୍ଜ ସ୍ୱରଚିତ 'ଯମକରାଜ ଚଉତିଶା'ରେ ଶ୍ରୀକୃଷ୍ଣ କୁଞ୍ଜବନରେ ଥାଇ ପ୍ରେମିକା ଶ୍ରୀରାଧାଙ୍କ ନିକଟକୁ ଦୂତ ରୂପେ କୋଇଳିକୁ

Digitized by srujanika@gmail.com

ପ୍ରେରଣ କରନ୍ତି । କଉଶିକ ରାଗରେ ରଚିତ ଏହି ଚଉତିଶାରେ ଭାବ ଓ ଭାଷାର ମାଧୁର୍ଯ୍ୟ ଯମକର ସ୍ୱତୂର୍ଯ୍ୟପୂର୍ଣ୍ଣ ବ୍ୟବହାର ଦ୍ୱାରା ପଦଗୁଡ଼ିକ ଅତ୍ୟନ୍ତ ରମଣୀୟ ହୋଇପାରିଛି ।

କବିଙ୍କର କେତେଗୁଡ଼ିଏ କୃଷ୍ଣ ଚରିତ ମୂଳକ ଚଉପଦୀ ଦେଖିବାକୁ ମିଳେ । ତନ୍ମଧ୍ୟରୁ କେତେକ ମୁଦ୍ରିତ ରୂପ ଗ୍ରହଣ କରିଥିବାବେଳେ କେତେକ ଅପ୍ରକାଶିତ ଭାବରେ ରହିଛି । କବି ସ୍ୱରଚିତ ଚଉପଦୀ 'ଉଦେ ହେଲ ଭାନୁ' (୪୫)ରେ ଶ୍ରୀକୃଷ୍ଣଙ୍କ ପ୍ରଭାତ ଅବକାଶ, 'ଆରେ ପ୍ରିୟ ସଖି ହିତ ପଥର କଲଣି' (୪୬) 'ପରମାନନ୍ଦଙ୍କୁ ପଚ୍ଛରିବୁ ଦୂତି' (୪୭), 'ପାହିଲ ନିଶି ଏଥର ହେ' (୪୮) ଆଦିରେ ରାଧାକୃଷ୍ଣ ପ୍ରୀତିର ଅଭେଦତ୍ୱ, 'ଆଉ କୁଞ୍ଜବାଟେ ନ ଯାରେ' (୪୯)ରେ କୃଷ୍ଣଙ୍କ ଦ୍ୱାରା କୁଞ୍ଜବାଟରେ ରାଧାଙ୍କର ହଟହଟା, 'ବଂଶୀପାଣିକୁ ଦୂତି ଆଜ ଭେଟାଇବୁ' (୫୦), 'ନନ୍ଦ ନନ୍ଦନ ବିନା ଆନ (୫୧) ରେ', ଶ୍ରୀ ରାଧାଙ୍କ ସମ୍ଭୋଗ ବାସନା, 'ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ' (୫୨), 'କାଲି ରଜନୀ ଗୋ ବଞ୍ଚିଲି ମୁଁ ଶ୍ୟାମ ସଙ୍ଗେ' (୫୩)ରେ ରାଧାକୃଷ୍ଣଙ୍କର ସମ୍ଭୋଗ ବର୍ଣ୍ଣନା, 'କିଏ ପକାଇଲା କାମ ନଟେ' (୫୪)ରେ ରାଧାଙ୍କର କୃଷ୍ଣ ସମ୍ଭୋଗ ସ୍ମରଣ, 'ଶ୍ୟାମକୁ ଦେଖିଲେ ମୋର ମନକଥା କହିବି' (୫୫)ରେ ଶ୍ରୀରାଧାଙ୍କ ବିରହ, 'କରିଗମନା ମୁଁ କି କରିବି ଗୋ' (୫୬)ରେ ବାସକସଜ୍ଜା ରାଧାଙ୍କର ଉତ୍କଣ୍ଠା, 'ନରେଶ ନନ୍ଦନା ବିରସ ହେବନା' (୫୭)ରେ ଖଣ୍ଡିତା ରାଧାଙ୍କ ପ୍ରତି କୃଷ୍ଣଙ୍କର ଗୃଢ଼ୋକ୍ତି, 'ପ୍ରିୟସହିରେ ନନ୍ଦସୁତ ବଡ଼ ଛଇଳା' (୫୮)ରେ ଛଇଳ ନାଗର କୃଷ୍ଣଙ୍କୁ ରାଧାଙ୍କର ସ୍ମରଣ ଓ 'ମଲ୍ଲୀମାଳ ଶ୍ୟାମକୁ ଦେବି' (୫୯)ରେ ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କର ସେବା ମନୋଭାବ ଆଦିର ପରିପ୍ରକାଶ କରାଇଛନ୍ତି ।

ଏ ସମସ୍ତ ଚଉତିଶା ଚଉପଦୀକୁ ବାଦ୍ ଦେଲେ କବିଙ୍କର କୁଞ୍ଜବିହାର, କଳାକଉତୁକ ଓ ଛାନ୍ଦଭୂଷଣ କାବ୍ୟରେ କୃଷ୍ଣସାହିତ୍ୟ ପ୍ରତି ତାଙ୍କର ଅପୂରନ୍ତ ଆକର୍ଷଣର ସୂଚନା ମିଳେ । 'ଛାନ୍ଦଭୂଷଣ'ରେ କବି ଉଲ୍ଲେଖ କରିଛନ୍ତି —

"କବି ସ୍ଫୁରିତ ଅନ୍ତରେ ଯେ ଏମନ୍ତ ଭାବିତ ।
କଲି କାମିନୀ ବର୍ଣ୍ଣନା କରି ବହୁ ଗୀତ ॥

Digitized by srujanika@gmail.com

କେଉଁ କାର୍ଯ୍ୟ ଅଛୁ ତହିଁ କୃଷ୍ଣକଥା ଥାଉ ।
କଲ୍ପ ଛୁ ଯାହା ଅବନ୍ଧେ ସମାପତ ହେଉ ॥
ଜଙ୍ଘ ପାଦେ ଯାର ସରସ୍ୱତୀ ପରଗ୍ଭୃତା ।
କହିବ ତାଙ୍କ ଚରିତ କଳ୍ପିତ ବସ୍ତୁର ॥ " (୧/୭-୯)

ଏଥିରୁ କବିଙ୍କର କୃଷ୍ଣକାବ୍ୟ ରଚନା ପ୍ରତି ଆଗ୍ରହର ସୂଚନା ମିଳେ । କବି କୃଷ୍ଣଲୀଳାର ତିନିଜଣ ମୁଖ୍ୟା ରାଧା, ଚନ୍ଦ୍ରାବଳୀ ଓ ବୃନ୍ଦାବତୀଙ୍କୁ କାବ୍ୟର ନାୟିକା ରୂପେ ଗ୍ରହଣ କରି ଯଥାକ୍ରମେ କୁଞ୍ଜବିହାର, କଳାକଉତୁକ ଓ ଛାନ୍ଦଭୂଷଣ କାବ୍ୟ ରଚନା କରିଛନ୍ତି । ତେଣୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପରବର୍ତ୍ତୀ ସମୟରେ ରାମଉପାସକ ଏବଂ ସ୍ୱକୀୟାପ୍ରୀତିର ପ୍ରତିଷ୍ଠାପକ ରୂପେ ସମ୍ମାନିତ ହୋଇଥିଲେ ମଧ୍ୟ କବି ଜୀବନର ଆଦ୍ୟକାଳରେ ତଥା ଯୁଗାନୁରୋଧରେ କୃଷ୍ଣଚରିତ ତଥା ଲୀଳାକୁ କେନ୍ଦ୍ର କରି ସ୍ୱକୀୟ ଲେଖନୀ ଚାଳନା ଦ୍ୱାରା କୃଷ୍ଣୈକପ୍ରାଣତାର ପରିଚୟ ପ୍ରଦାନ କରିଛନ୍ତି ।

## ଉପେନ୍ଦ୍ର ଭଞ୍ଜଙ୍କ କୃଷ୍ଣକାବ୍ୟ ଓ କୁଞ୍ଜବିହାର :

କବିବର ଉପେନ୍ଦ୍ର ଭଞ୍ଜ ଭାଗବତ ଗୋପଲୀଳାର ପ୍ରଭାବରେ କଳାକୌତୁକ ଓ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଅବଲମ୍ବନରେ ଛାନ୍ଦଭୂଷଣ ରଚନା କରିଥିଲେ ମଧ୍ୟ କଳାକଉତୁକରେ ଚନ୍ଦ୍ରାବଳୀ ଓ କୃଷ୍ଣଙ୍କ କେଳି ପ୍ରସଙ୍ଗକୁ ବର୍ଣ୍ଣନା କରି କବି ହେବାର ବାସନା ରଖି ଉଲ୍ଲେଖ କରିଛନ୍ତି ।

"କବି କବିରେ ଅଗୋଚର ଖ୍ୟାତି କୀର୍ତ୍ତିଚୟକ ।
କବି କରିଅଛୁ ହୋଇବି କବି ହେ ସଞ୍ଚୟକ ॥
କରୁଣା-କରି ହେ କରୁଣାକର ହୋଇ ହେତୁକ ।
କହିବି ଚନ୍ଦ୍ରାବଳୀ-କୃଷ୍ଣ-କଳା କେଳି କୁତୁକ ॥" (୧/୭-୯)

କିନ୍ତୁ ଏହି ଦଶ ଛାନ୍ଦଯୁକ୍ତ 'କଳାକଉତୁକ'ରେ କୃଷ୍ଣ ଓ ଚନ୍ଦ୍ରାବଳୀଙ୍କ ମିଳନ ବା କେଳି କଥା ବର୍ଣ୍ଣିତ ହୋଇପାରି ନ ଥିବାରୁ କେତେକ ଆଲୋଚକଙ୍କ ମତରେ ଏହା ଏକ ଅସମ୍ପୂର୍ଣ୍ଣ କାବ୍ୟ । ଛାନ୍ଦଭୂଷଣ କାବ୍ୟରେ କବି କୃଷ୍ଣ ଓ ବୃନ୍ଦାବତୀଙ୍କ ଲୀଳାକୁ ମୁଖ୍ୟ ଉପଜୀବ୍ୟ ରୂପେ ଗ୍ରହଣ କରି ୩୪ଟି ଛାନ୍ଦରେ ରଚନା କରିଛନ୍ତି ।

Digitized by srujanika@gmail.com

ଉଭୟ କାବ୍ୟକୁ ବିଚାର କଲେ କବି କୃଷ୍ଣଚନ୍ଦ୍ରାବଳୀ ଲୀଳା ଓ କୃଷ୍ଣ ବୃନ୍ଦାବନ ଲୀଳାକୁ ମୁଖ୍ୟ ବିଷୟବସ୍ତୁ ରୂପେ ଗ୍ରହଣ କରି ଉଭୟ କାବ୍ୟ ବିନ୍ୟାସରେ ଚରିତ୍ର ଚିତ୍ରଣକୁ ପ୍ରାଧାନ୍ୟ ଦେଇଛନ୍ତି । ଏହି ଦୁଇଟି କାବ୍ୟରେ "କବିଙ୍କ ପୂର୍ବରୁ ରାଧାକୃଷ୍ଣ ଲୀଳା ବହୁ କବିଙ୍କ ଦ୍ୱାରା ବିଷୟବସ୍ତୁ ରୂପେ ଗୃହୀତ ହୋଇଥିବାରୁ କବି ଏହି ସୁପରିଚିତ (ରାଧାକୃଷ୍ଣ ଲୀଳା) ପ୍ରସଙ୍ଗକୁ ବିଶିଷ୍ଟ ସ୍ଥାନ ଦେଇ ନଥିବା" କଥା ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ମତବ୍ୟକ୍ତ କରିଛନ୍ତି (୨୦) ।

ପଣ୍ଡିତ ଦାସ ବୋଧହୁଏ ଉପେନ୍ଦ୍ର ଭଞ୍ଜଙ୍କ କୁଞ୍ଜବିହାର କାବ୍ୟକୁ ଦେଖିବାକୁ ନପାଇ ଓ ବିଭିନ୍ନ ରାଧାକୃଷ୍ଣ ଲୀଳାତ୍ମକ ଚଉପଦୀ ପ୍ରତି ଦୃଷ୍ଟିପାତ କରି ନପାରି ଏଭଳି ମତ ଦେଇଛନ୍ତି । କିନ୍ତୁ ମନେହୁଏ ଉପେନ୍ଦ୍ର ଭଞ୍ଜ ପ୍ରାରମ୍ଭିକ ଅବସ୍ଥାରେ ରାଧାକୃଷ୍ଣ ଲୀଳାକୁ ନେଇ କିଛି ଚଉପଦୀ ଓ କୁଞ୍ଜବିହାର କାବ୍ୟ ରଚନା କରିସାରିବା ପରେ କବି ହୋଇ ଖ୍ୟାତି ରଖିବା ଲାଳସାରେ କବି କବିରେ ଅଗୋଚର ଚନ୍ଦ୍ରାବଳୀ କୃଷ୍ଣଲୀଳାତ୍ମକ କାବ୍ୟ କଳାକଉତୁକକୁ ଆଦ୍ୟ ପ୍ରାନ୍ତ 'କ' ନିୟମରେ ଓ ବୃନ୍ଦାବନ କୃଷ୍ଣକେଳି ବର୍ଣ୍ଣିତ ଛାନ୍ଦଭୂଷଣକୁ କ, ଖ ଆଦି ୩୪ ଅକ୍ଷର ନିୟମରେ ରଚନା କରିଥିଲେ ।

ପୁନଶ୍ଚ 'କଳାକଉତୁକ' ରଚନାର ପୃଷ୍ଠପୀଠିକାରେ ଥିବା ଧନକୃଷ୍ଣ ଦାସଙ୍କ ରାଧାକୃଷ୍ଣ ଲୀଳାତ୍ମକ 'ରସକଲ୍ଲୋଳ'ର ପ୍ରେରଣା ସମ୍ପର୍କିତ ଜନଶ୍ରୁତିଟିକୁ ବିଚାର କରାଯାଉ । ଯଦି ଏହି ଜନଶ୍ରୁତି ମୂଳରେ କିଛି ସତ୍ୟତା ଥାଏ ତେବେ ଉପେନ୍ଦ୍ର ଭଞ୍ଜ କଳାକଉତୁକ ରଚନା କରିବା ପୂର୍ବରୁ ରାଧାକୃଷ୍ଣ ଲୀଳାତ୍ମକ କୁଞ୍ଜବିହାର କାବ୍ୟଟିକୁ ରଚନା କରିସାରିଥିଲେ । କାରଣ ଧନକୃଷ୍ଣଙ୍କ ରସକଲ୍ଲୋଳର ସମକକ୍ଷ ହେବା ନିମନ୍ତେ ରାଧାକୃଷ୍ଣ ଲୀଳା ବିଷୟକ ଏକ ବିଷୟ ନିର୍ବାଚନ କରି ତାକୁ 'କ' ଆଦ୍ୟପ୍ରାନ୍ତ ନିୟମରେ ରଚନା କରିପାରିଥାନ୍ତେ । କିନ୍ତୁ 'କବି କବିରେ ଅଗୋଚର କୃଷ୍ଣ ଚନ୍ଦ୍ରାବଳୀ' ପ୍ରସଙ୍ଗକୁ ନିର୍ବାଚନ କରି କଳାକଉତୁକ ରଚନା କରିବା ଦ୍ୱାରା ରାଧାକୃଷ୍ଣ ଲୀଳା ପ୍ରସଙ୍ଗକୁ ନେଇ ପୂର୍ବରୁ ଗୋଟିଏ କାବ୍ୟ ରଚନା କରିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ଏବଂ ଏହି କାବ୍ୟଟି ହେଉଛି କୁଞ୍ଜବିହାର ।

Digitized by srujanika@gmail.com

ଅପର ପକ୍ଷରେ କୁଞ୍ଜବିହାର ସହିତ କଳାକଉତୁକ ଓ ଛାନ୍ଦଭୂଷଣକୁ ତୁଳନାତ୍ମକ ଦୃଷ୍ଟିଭଙ୍ଗୀରେ ଦେଖିଲେ ମଧ୍ୟ କୁଞ୍ଜବିହାର ଏ ଦୁଇଟି କାବ୍ୟର ପୂର୍ବରୁ ରଚିତ ଭଳି ଅନୁମିତ ହୁଏ । କାରଣ କୃଷ୍ଣଲୀଳାତ୍ମକ ଏହି ଦୁଇଟି କାବ୍ୟ ମଧ୍ୟରୁ 'କଳାକଉତୁକ'ଟି 'କ' ଅକ୍ଷର ଆଦ୍ୟପ୍ରାନ୍ତ ନିୟମରେ ରଚିତ ହେବାବେଳେ ଛାନ୍ଦଭୂଷଣ କ, ଖ ଆଦି ୩୪ ଅକ୍ଷର ନିୟମରେ ରଚିତ । ପୁଣି କୁଞ୍ଜବିହାର ୭ ଛାନ୍ଦ ବିଶିଷ୍ଟ ହେବାବେଳେ କଳାକଉତୁକ ୧୦ ଛାନ୍ଦ ଓ ଛାନ୍ଦଭୂଷଣ ୩୪ ଛାନ୍ଦ ବିଶିଷ୍ଟ । ତେଣୁ ଆଙ୍ଗିକ ବୈଶିଷ୍ଟ୍ୟକୁ ବିବେଚନା କଲେ କୁଞ୍ଜବିହାର ଏ କାବ୍ୟଦ୍ୱୟର ପୂର୍ବବର୍ତ୍ତୀ ଭଳି ଜଣାପଡ଼େ ।

ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ସହଚରୀ ରୂପେ ଯଥାକ୍ରମେ ରାଧା, ଚନ୍ଦ୍ରାବଳୀ ଓ ବୃନ୍ଦାବତୀଙ୍କୁ ବିଶେଷ ପ୍ରାଧାନ୍ୟ ଦିଅନ୍ତି । ତେଣୁ ଉପେନ୍ଦ୍ରଭଞ୍ଜ ଏହି ଧାରାଦ୍ୱାରା ପ୍ରଭାବିତ ହୋଇ ରାଧାକୃଷ୍ଣ ଲୀଳା, ଚନ୍ଦ୍ରାବଳୀ କୃଷ୍ଣଲୀଳା ଓ ବୃନ୍ଦାବତୀ କୃଷ୍ଣଲୀଳାତ୍ମକ କାବ୍ୟ ରୂପେ ଯଥାକ୍ରମେ କୁଞ୍ଜବିହାର, କଳାକଉତୁକ ଓ ଛାନ୍ଦଭୂଷଣ ରଚନା କରିଥିବାର ଯଥେଷ୍ଟ ସମ୍ଭାବନା ରହିଛି ।

## କୁଞ୍ଜବିହାର କାବ୍ୟର ଆଙ୍ଗିକ ଓ ଆତ୍ମିକ ବିଶ୍ଳେଷଣ

### ରାଗରାଗିଣୀ :

ଏହି କ୍ଷୁଦ୍ର କାବ୍ୟଟିର ପ୍ରଥମରୁ ସପ୍ତମ ଛାନ୍ଦ ଯଥାକ୍ରମେ କଉଶିକ, ଆଷାଢ଼ ଶୁକ୍ଳ, ରାଗ ବସନ୍ତ, ମାଳବ, ପଞ୍ଚମ ବସନ୍ତ, ଗୁଜ୍ଜରୀ, ଆହାରୀ ଓ ରାମକାଳି ବା ରାମକେରୀରେ ରଚିତ ।

ଏହା ମଧ୍ୟରୁ କଉଶିକ ରାଗ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (୧୦ମ) ପ୍ରେମସୁଧାନିଧି (୪ର୍ଥ), ରସଲେଖା (୧୭ଶ), ରସିକ ହାରାବଳୀ (୧୫ଶ), ଲାବଣ୍ୟବତୀ (୧୨ଶ)ରେ, ଆଷାଢ଼ ଶୁକ୍ଳ ରସଲେଖା (୧୮ଶ), ସୁଭଦ୍ରା ପରିଣୟ (୧୭ଶ)ରେ, ମାଳବ ପ୍ରେମସୁଧାନିଧି (୧୫ଶ), ରସିକ ହାରାବଳୀ (୫ମ), ଲାବଣ୍ୟବତୀ (୧୮ଶ ଓ ୩୨ଶ) ରେ, ପଞ୍ଚମ ବସନ୍ତ ବୈଦେହୀଶ ବିଳାସ (୪୫ ଓ ୪୭), ଲାବଣ୍ୟବତୀ (୩୩ଶ ଓ ୩୮ଶ) ସୁଭଦ୍ରା ପରିଣୟ

Digitized by srujanika@gmail.com

(୧୩ଶ)ରେ, ଗୁଞ୍ଜଗ୍ର କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (୫ମ),ଲାବଣ୍ୟବତୀ (୧୭ଶ)ରେ ଓ ରାମକେଳୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (୧୮ଶ), ବୈଦେହୀଶ ବିଳାସର (୩ୟ), ରସଲେଖା (୪ର୍ଥ), ରସିକ ହାରାବଳୀ (୩ୟ), ସୁଭଦ୍ରା ପରିଣୟ (୧୫ଶ)ରେ ପ୍ରୟୋଗ ହୋଇଛି । ଏଗୁଡ଼ିକ ଉପେନ୍ଦ୍ର ଭଞ୍ଜଙ୍କର ଅତିପ୍ରିୟ ବର୍ଗ ହୋଇଥିବାରୁ କବି ଏହାକୁ ତାଙ୍କର ବହୁଳ କାବ୍ୟରେ ପ୍ରୟୋଗ କରିଛନ୍ତି ।

## ଛଳୋକ୍ତି :

ଛଳୋକ୍ତି ମାଧ୍ୟମରେ କଥୋପକଥନ ପ୍ରାଚୀନ କାବ୍ୟ ପରମ୍ପରାର ଏକ ବୈଶିଷ୍ଟ୍ୟ । ଉପେନ୍ଦ୍ର ଭଞ୍ଜ ଏହି ପରମ୍ପରାକୁ ରକ୍ଷାକରି କୁଞ୍ଜବିହାର କାବ୍ୟରେ ଛଳୋକ୍ତି ମାଧ୍ୟମରେ ଚମ୍ପକ, କୁସୁଆନା, ବକୁଳ, ନାଗେଶ୍ୱର ଆଦି ପୁଷ୍ପର ବର୍ଣ୍ଣନା କରିଛନ୍ତି । ଉଦାହରଣ ସ୍ୱରୂପ—

"ସଖୀ ଏକ କହେ ମୋହ ପାଶେ ନାଗେଶ୍ୱର ଦେଖ ସଖୀ ସୁନ୍ଦର ।
ପରିହାସ ପାଇ ଛଳି ତା ବୋଇଲା ନ ପୁଣ ଏହୁ ନାଗେଶ୍ୱର ।
ଆଗୋ ସଖୀ ଗୋ, ଉତ୍ତମ କଥା ତୁମ୍ଭେ କହ ।
ଚହ୍ନିଲ ଯେବେ ନାଗେଶ୍ୱର ବୋଲଣ ତାହାପରେ ଯାଇ ଆରୋହ ।"
(୧/୧୭)

ଏହି ଧାରାବାହିକ ଉପେନ୍ଦ୍ର ଭଞ୍ଜଙ୍କ ଅନ୍ୟତମ ଶ୍ରେଷ୍ଠକୃତି 'ଲାବଣ୍ୟବତୀ'ରେ ମଧ୍ୟ ପ୍ରତିଧ୍ୱନିତ ହୋଇଥିବାର ଦେଖିବାକୁ ମିଳେ—

"ଏକକୁ ଚାହିଁ ଆରେକ ସଖୀ କହି ନିକଟେ ନାଗେଶ୍ୱର ମୋର ।
ହୋଇଲା ହୋଇଆଇଛି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଚହ୍ନିଲ ନାଗେଶ୍ୱର କରି ।
ସୁମନା ଭୂଷଣ ସମ୍ପତ୍ତି ପାଇବ ତାର ପରେ ଯାଇ ଆରୋହ ।"
(୫/୧୧)

## ନଦୀ ନାରୀ ତୁଳନା :

କବି କୁଞ୍ଜବିହାରରେ ଯମୁନାକୁ ଏକ ନାରୀ ରୂପେ ଚିତ୍ରଣ କରିବା ସମୟରେ ନଦୀରେ ସ୍ନାନରତା ଲାବଣ୍ୟବତୀକୁ ନଦୀର ଜଳ ସହିତ ଲାବଣ୍ୟବତୀ କାବ୍ୟରେ ତୁଳନା କରିଛନ୍ତି । ଏଥିରେ ମୁଖ କମଳ, ହାସ କୁମୁଦ, ଜଘନ

Digitized by srujanika@gmail.com

ପୂଜନ, ଉରଜ ଚକ୍ରବାକ, ଗଜହଂସ, କରକୋକନଦ ଆଦି ରୂପେ କଳ୍ପନା କରାଯାଇଅଛି । ଏହିଭଳି ବର୍ଣ୍ଣନା କବିଙ୍କର ଅବକାରସ ତରଙ୍ଗ (୨/୪୭-୫୦), କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (୧୩/୧୭, ୧୫/୯-୧୧), ବୈଦେହୀଶ ବିଳାସ (୨୧/୬-୭, ୪୫/୩୩-୩୪), ରସିକ ହାରାବଳୀ (୨/୧-୨, ୨/୯) ଓ ସୁଭଦ୍ରା ପରିଣୟ (୧୪/୩୨)ରେ ଦେଖିବାକୁ ମିଳେ । ଏ ସମସ୍ତ କଳ୍ପନା ତଥା ବର୍ଣ୍ଣନା ମୂଳରେ କାଳିଦାସଙ୍କ 'ଶୃଙ୍ଗାରତିଳକ'ର ନିମ୍ନୋକ୍ତ ଶ୍ଳୋକଟିର ପ୍ରଭାବ ସୁସ୍ପଷ୍ଟ ।

"ବାହୁଦ୍ୱୌଚ ମୃଣାଳମାସ୍ୟ କମଳଂ ଲାବଣ୍ୟଂ ଲୀଳାଜଳମ୍
ଶ୍ରୋଣୀ ତୀର୍ଥ ଶିଳା ଚ ନେତ୍ର ଶଫରୀ ଧମ୍ମିଲ୍ଲଂ ଶୈବାଳକମ୍
କାନ୍ତାୟାଃ ସ୍ତନ ଚକ୍ରବାକ ଯୁଗଳଂ କନ୍ଦର୍ପବାଣାନଳୈ
ଦଗ୍ଧାନାମବଗାହନାୟ ବିଧିନା ରମ୍ୟଂ ସରୋ ନିର୍ମିତମ୍ ।"

## ପରିହାସ ଗର୍ଭକ କଥୋପକଥନ :

ଜଳକ୍ରୀଡ଼ା, ଉପବନ ବିହାର, କେଳିପୁଷ୍ପ ବାହୁଡ଼ା ଆଦି ବିଭିନ୍ନ ସମୟରେ ସଖୀମାନେ ନାୟିକା ସହିତ କେତେକ ପରିହାସ ଗର୍ଭକ କଥୋପକଥନର ବର୍ଣ୍ଣନା ପ୍ରାଚୀନ କାବ୍ୟଗୁଡ଼ିକରେ ଦେଖିବାକୁ ମିଳେ । କୁଞ୍ଜବିହାର କାବ୍ୟର ୨ୟ ଛାନ୍ଦରେ ସଖୀମାନେ ଜଳକ୍ରୀଡ଼ା କରିବା ସମୟରେ ପରସ୍ପର ମଧ୍ୟରେ ବିଭିନ୍ନ ପରିହାସପୂର୍ଣ୍ଣ କଥାବାର୍ତ୍ତା ହୋଇ ରାଧାକୁ ଜଣେ ସଖୀ କହୁଛି—

"ଶୁଣ ଆରଗୋ ସଖୀ
ମୋହ ପାଇଁ ଥିବ କରୁଣା ରଖି ।" (୨/୧୨)

ସେହିଭଳି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'ରେ ବସନ୍ତକାଳୀନ ଉପବନ ବିହାର ମଧ୍ୟରେ ଜଣେ ସଖୀ ଲାବଣ୍ୟବତୀଙ୍କୁ କହୁଛି—

'ମୋହ ପାଇଁ ସଖୀ ରଖିଥିବୁ ଏକା କରୁଣା" । (ଲା: ବ: ୫/୧୨)

ଏହିଭଳି ପରିହାସ ଗର୍ଭକ କଥୋପକଥନ ଉପେନ୍ଦ୍ର ଭଞ୍ଜଙ୍କର ଅନ୍ୟାନ୍ୟ କାବ୍ୟଗୁଡ଼ିକରେ ଥିଲେ ମଧ୍ୟ କୁଞ୍ଜବିହାରର ସରଳ ହୃଦୟସ୍ପର୍ଶୀ ଆବେଦନ ଅନନ୍ୟ ବିରଳ ।

Digitized by srujanika@gmail.com

## ଗୋଟିଏ କଥାକୁ ବଙ୍କେଇ କହିବା :

କାବ୍ୟର ମାଧୁର୍ଯ୍ୟ ପ୍ରକାଶ ପାଇଁ ତଥା ନିଜ ବିଦ୍‌ବତ୍ତାର ପରିଚୟ ଦେବା ନିମନ୍ତେ କବି ଗୋଟିଏ କଥାକୁ ବଙ୍କେଇ ବଙ୍କେଇ କହିବାର ଦେଖିବାକୁ ମିଳେ । ଉପେନ୍ଦ୍ର ଭଞ୍ଜ ଏହି ବିଧାନଟିକୁ ନିଜର ପ୍ରାରମ୍ଭିକ କାବ୍ୟରେ ସରଳ ଭାବରେ ଉପସ୍ଥାପନ କରିବା ବେଳେ ପରବର୍ତ୍ତୀ ସମୟରେ ଟିକିଏ ଜଟିଳ ତଥା କୁଟୀଳ କରିବାକୁ ଚେଷ୍ଟା କରିଛନ୍ତି । କୁଞ୍ଜବିହାର କାବ୍ୟରେ ଏହି ଧରଣର କେତେକ ପଦ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ—

(କ) "ମୂନ ମୋହିମାର ଗୃହିଁ ଏ ଗୁରୁ ଚିବୁକ
ପଦ ଆଦ୍ୟ ପ୍ରାନ୍ତାକ୍ଷର ହେବେ ବିନାସୂକ ।" (୩/୩୩)
(ଅର୍ଥ-ବିନାସୂକ ମୂକ ହେବେ)

(ଖ) "ତୋର କଳରବ ଆଦ୍ୟ ଅକ୍ଷରରେ ମୋତେ
ଆକାର ଥିଲା ପରିଏ ହୋଇଅଛି ପ୍ରତେ ।" (୪/୯)
(ଅର୍ଥ—କଳରବ କାଳରବ ପରି ଜଣାଯାଉଛି)

(ଗ) "ଜଗତ ପ୍ରାଣ ଯେ ବୋଲେ ସେ ନ ବୋଲେ କିଛି
ହର ବେନି ଅକ୍ଷର ମୁଁ ପ୍ରାନ୍ତରେ ମଣୁଛି ।" (୪/୧୩)
(ଅର୍ଥ—ଜଗତ ପ୍ରାଣହର ବୋଲି ମଣୁଛି)

ଏଭଳି ବର୍ଣ୍ଣନା ପରବର୍ତ୍ତୀ ସମୟରେ କବିଙ୍କ ଦ୍ୱାରା ରଚିତ ବହୁ ବିଶିଷ୍ଟ କାବ୍ୟରେ ଦେଖିବାକୁ ମିଳେ । ଯଥା—
ଲାବଣ୍ୟବତୀ :—

(କ) "ରାମ ଶବ୍ଦ ବହୁ ବଚନରେ ଜପ କଲି" (୧/୩୭)
(ଅର୍ଥ—ରାମା)

(ଖ) "ଫଳ ବେନି ବର୍ଣ୍ଣ ପ୍ରାନ୍ତରେ ଦେଲେ
ମୁକୁତାନାମା ।" (୭/୨୯)
(ଅର୍ଥ– ମୁକୁତାଫଳ)

Digitized by srujanika@gmail.com

(ଗ) "କଳକଣ୍ଠ ନାମ ଆଦ୍ୟବର୍ଣ୍ଣ ଏବେ ଆଶ୍ଳେଷ
କଲ କ ଆକାର ।" (୧୨/୨୩)
(ଅର୍ଥ—କାଳକଣ୍ଠ)

କଳାକଉତୁକ :—

"କଳକଣ୍ଠ ଆଦ୍ୟ ଆକାରବନ୍ତ ସୂତ୍ରଧାରକ" (୧/୪୪)
(ଅର୍ଥ—କାଳକଣ୍ଠ)

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ :—

(କ) "ଭକ୍ତ ଦେବା ଗୁପ୍ତ ହୋଇଅଛୁ ଯୁକ୍ତାକ୍ଷରେ ।" (୧/୧୩)
(ଅର୍ଥ—ଜଗତ୍‌ନାଥ = ଜଗନ୍ନାଥ)

(ଖ) "ଶ୍ରୀନଗରୁ ଆଦ୍ୟବର୍ଣ୍ଣ ଲୁଚିଲେ ।" (୨/୩୫)
(ଅର୍ଥ – ନଗରରୁ ଶ୍ରୀ ବା ସମ୍ପତ୍ତି ଲୁଚିଲେ)

(ଗ) "ସ୍ୱର୍ଣ୍ଣ-ସର-ଶ୍ରୀର ଚନ୍ଦନ-ବନ
ଚ କାଟି ଯହିଁ ନ ଘେନଇ ମନ ।" (୨/୫୨)
(ଅର୍ଥ—ଚନ୍ଦନରୁ ଚ କାଟି ନ ଦେଲେ ନନ୍ଦନବନ ହେବ)

ରସଲେଖା :—

"କରେ ଥିଲ ମାଳା ବୋଲୁଥିଲ ରାମ ରାମ
ସେ ଶବ୍ଦ ବହୁବଚନେ ଭଜେ ହୋଇ ଭ୍ରମ ।' (୧/୨୭)
(ଅର୍ଥ—ରାମା ରାମା)

ରସିକ ହାରବଳୀ :—

"ନଳଦ ଅସିଦ୍ଧ ଆଦ୍ୟରେ ହୋଇଛୁ ।" (୧୫/୯)
(ଅର୍ଥ—ନଳଦ ଅନଳଦ ହୋଇଛୁ)

**ଶବ୍ଦ ସଂଯୋଜନା :**

ଉପେନ୍ଦ୍ର ଭଞ୍ଜ କୁଞ୍ଜବହାର କାବ୍ୟରେ ଏଭଳି କେତେଗୁଡ଼ିଏ ଶବ୍ଦର ଚାତୁର୍ଯ୍ୟପୂର୍ଣ୍ଣ ପ୍ରୟୋଗ କରିଛନ୍ତି ଯାହାର ନିଦର୍ଶନ କବିଙ୍କର ଅନ୍ୟାନ୍ୟ

Digitized by srujanika@gmail.com

କାବ୍ୟରେ ମଧ ପରିଦୃଷ୍ଟ ହୁଏ । କୁଞ୍ଜବିହାର କାବ୍ୟରେ ପ୍ରୟୋଗ ହୋଇଥିବା ରଣରଣକ (୧/୫), ଗୁଞ୍ଜପୁଞ୍ଜ (୩/୪), ବିଲମ୍ବ ଅବଲମ୍ବ (୬/୨), ତରଙ୍ଗ କୁରଙ୍ଗ ନୟନ ତରଙ୍ଗ (୬/୬), ଆଦି ଶବ୍ଦର ନିଦର୍ଶନ କବିଙ୍କର କଳାକଉତୁକ (୯/୬), ପ୍ରେମ ସୁଧାନିଧି (୧୧/୨୩), ରସିକ ହାରାବଳୀ (୭/୨୫), କଳାକଉତୁକ (୮/୨୮), ଓ ଲାବଣ୍ୟବତୀ (୫/୧୫,୧୮)ଆଦିରେ ଦେଖିବାକୁ ମିଳେ ।

କୁଞ୍ଜବିହାର କାବ୍ୟର କାବ୍ୟିକ ରୂପାୟନ ନିମନ୍ତେ କବି ଶ୍ରୀରାଧାଙ୍କର ଜଳକ୍ରୀଡ଼ା, ଉପବନ ବିହାର ଆଦି ମଧ୍ୟରେ ପରିବେଶ ସୃଷ୍ଟି କରି ଉଭୟଙ୍କର ଦର୍ଶନାନୁରାଗର ସୂଚନା ଦେଇଛନ୍ତି । ଜଳକ୍ରୀଡ଼ା, ଉପବନ ବିହାରାଦି ପ୍ରାଚୀନ କାବ୍ୟିକ ପରମ୍ପରାରେ ବହୁଳ ଭାବରେ ପରିଦୃଷ୍ଟ ହେଲେ ମଧ କୁଞ୍ଜବିହାର କାବ୍ୟରେ ଏହା ଅତ୍ୟନ୍ତ ସଂକ୍ଷିପ୍ତ ପରିବେଶ ମଧ୍ୟରେ ସ୍ୱତନ୍ତ୍ର୍ୟପୂର୍ଣ୍ଣ ଭାବରେ ବିକାଶ ଲାଭ କରିଛି ।

ପୂର୍ବବର୍ତ୍ତୀ କାବ୍ୟକାରମାନେ ରାଧାକୃଷ୍ଣଙ୍କର ସମ୍ଭୋଗ ଚିତ୍ର ପ୍ରଦାନ କରିଥିଲେ ମଧ କୁଞ୍ଜବିହାର କାବ୍ୟରେ ଦୂତୀ ଯେଉଁଳି ଭାବରେ ମୁଖ୍ୟ ଭୂମିକା ଗ୍ରହଣ କରି ନାଟକୀୟ ପରିବେଶ ସୃଷ୍ଟି ପାଇଁ ଉଦ୍ୟମ କରିଛି ସେଉଁଳି ମଧୁର ବର୍ଣ୍ଣନା ପ୍ରାୟ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । କୁଞ୍ଜବିହାର କାବ୍ୟରେ ଦୂତୀ ରାଧାଙ୍କ ଖେଦୋକ୍ତି କୃଷ୍ଣଙ୍କୁ ଓ କୃଷ୍ଣଙ୍କ ଖେଦୋକ୍ତି ରାଧାଙ୍କୁ କହି ପରସ୍ପର ମଧ୍ୟରେ ଅନୁରାଗ ଭାବ ଉଦ୍ରେକ କରି ଶେଷରେ ଅପୂର୍ବ ଲାବଣ୍ୟ ବିମଣ୍ଡିତ ବୃନ୍ଦାବନର କେଳିକୁଞ୍ଜରେ ଉଭୟଙ୍କୁ ମିଳିତ କରାଇ ପାରିଛି । ଉପେନ୍ଦ୍ର ଭଞ୍ଜଙ୍କ ପରବର୍ତ୍ତୀ କବି କବିସୂର୍ଯ୍ୟ ବଳଦେବ ରଥ ହୃଚିତ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ରେ ଏହି ଭାବଧାରାକୁ ଏଡ଼ାଇ ପାରିନାହାନ୍ତି । ତେଣୁ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ରେ ଏହି ସ୍ତରରେ ଏକ ବିକଶିତ ତଥା ମାଧୁର୍ଯ୍ୟପୂର୍ଣ୍ଣ ପ୍ରକାଶଭଙ୍ଗୀ ଦେଖିବାକୁ ମିଳେ ।

କୁଞ୍ଜବିହାରରେ ସରଳ ସାବଲୀଳ ଶବ୍ଦ ଗୁମ୍ଫନ, ଭାଷା ଏବଂ ଭାବର ସରଳତା, ଅଳଙ୍କାରର ସଂକ୍ଷିପ୍ତତା ତଥା ପାଣ୍ଡିତ୍ୟର କ୍ରମବିକଶିତ ରୂପ ଦେଖିବାକୁ ମିଳେ । ଏଥିରେ ଅଳଙ୍କାରର ପ୍ରୟୋଗ କମ୍ ହେଲେ ମଧ ସ୍ଥାନେ ସ୍ଥାନେ ବୁଦ୍ଧିର କସରତ କରିବାକୁ ପଡେ । (୬୧) ସ୍ଥଳ ବିଶେଷରେ

Digitized by srujanika@gmail.com

କବି କଥାର ବୈଚିତ୍ର୍ୟ ପ୍ରତିପ୍ରଦାନ କରିବାର ପ୍ରବୃତ୍ତି ନେଇ ଅଳଙ୍କାର ପ୍ରୟୋଗ କରିଥିବା ଜଣାଯାଏ । (୭୨) କେବଳ ସେତିକି ନୁହେଁ କଥା ମଧ୍ୟରେ ଶ୍ଳେଷ ଓ ବିରୋଧାଭାସର (୭୩) ପ୍ରୟୋଗ କରି କାବ୍ୟର ମାଧୁର୍ଯ୍ୟ ସୃଷ୍ଟି ପାଇଁ କବି ଉଦ୍ୟମ କରିଥିବା ପରି ମନେହୁଏ । ତଥାପି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏଥିରେ କେତେକ ସରଳ ସହଜ ତଥା ହୃଦୟସ୍ପର୍ଶୀ ପଦର ସଂଯୋଜନା ମଧ୍ୟ କରିଛନ୍ତି, (୭୪) ଯେଉଁ ପଦଗୁଡ଼ିକ ବୁଝିବା ନିମନ୍ତେ ଅଭିଧାନ କିମ୍ବା ବୁଦ୍ଧିର କସରତ କରିବାକୁ ପଡ଼େ ନାହିଁ ।

ଉକ୍ତ କାବ୍ୟଟିରେ କବି କେତେକ ନୂତନ ଉପମାର ପ୍ରୟୋଗ କରିଛନ୍ତି । ତନ୍ମଧ୍ୟରେ ସ୍ତନର ଶ୍ୟାମ ଅଂଶକୁ ମୁଦି ସଂଗେ ଓ ଚୂଚୁକାଗ୍ରକୁ ବାଟୁଲି ସଙ୍ଗେ ତୁଳନା କରିବା ଅନ୍ୟତମ (୭୫) । ପୁନଶ୍ଚ ଯେଉଁ ଉପେନ୍ଦ୍ର ଭଞ୍ଜ ନାରୀର ପରିଦୃଶ୍ୟମାନ ଆକର୍ଷଣ ଶକ୍ତି ରୂପେ ଉନ୍ନତ ପୀନ ପୟୋଧରକୁ ବିଭିନ୍ନ କ୍ଳିଷ୍ଟ କଳ୍ପନା ଦ୍ୱାରା ଅନୁରଞ୍ଜିତ କରି ନାୟକର ଦୃଷ୍ଟିକୁ ଆକୃଷ୍ଟ କରିପାରିଛନ୍ତି ସେହି ଉପେନ୍ଦ୍ର କୁଞ୍ଜବିହାର କାବ୍ୟରେ ରାଧାକୃଷ୍ଣଙ୍କୁ ଆକର୍ଷିତ କରିବା ନିମନ୍ତେ—

"ଏମନ୍ତେ ଚିତ୍ର ଅଳସ ଛନ୍ଦେ ଟେକିଭୁଜ
ଦେଖାଇବା ଇଚ୍ଛା କରି ଅଧିକ ଉରଜ ।" (୩/୨୮)

ବର୍ଣ୍ଣନା କରି ନିଜର ଯୌବନ ସୁଲଭ ଚପଳ ଭାବକୁ ପ୍ରକାଶ କରିଛନ୍ତି ।

କବି ଉପେନ୍ଦ୍ର ଭଞ୍ଜ ଉକ୍ତ କାବ୍ୟରେ ବର୍ଣ୍ଣିତ ପ୍ରତ୍ୟେକ ଘଟଣା ତଥା ଛାନ୍ଦ ମଧ୍ୟରେ ସମ୍ପର୍କ ସ୍ଥାପନ ନିମନ୍ତେ କେତେକ ସଂଯୋଜକ ସମ୍ବୋଧନ ଶବ୍ଦର ପ୍ରୟୋଗ କରିଛନ୍ତି । ଏହି ଶବ୍ଦ ମଧ୍ୟରେ ୨ୟ, ୩ୟ ଓ ୫ମ ଛାନ୍ଦରେ 'ଏଥୁ ଅନନ୍ତରେ', ୪ର୍ଥ ଛାନ୍ଦରେ 'ଶୁଣ ହେ ରସିକଜନ ଏଥିର ଅନ୍ତରେ', ୬ଷ୍ଠ ଛାନ୍ଦରେ 'ଶୁଣରେ ରମଣି' ଓ ୭ମ ଛାନ୍ଦରେ 'ଶୁଣ ରମଣୀମଣି' ଆଦି ଅନ୍ୟତମ । ଏଭଳି ଶବ୍ଦ ପ୍ରୟୋଗର ପରମ୍ପରା ବିଭିନ୍ନ ପୁରାଣ ଗ୍ରନ୍ଥରେ ବହୁଳ ଭାବରେ ଦେଖିବାକୁ ମିଳେ । ଉପେନ୍ଦ୍ର ଭଞ୍ଜଙ୍କ ଅନ୍ୟାନ୍ୟ କାବ୍ୟ ତୁଳନାରେ ସାତ ଛାନ୍ଦ ବିଶିଷ୍ଟ କୁଞ୍ଜବିହାର କାବ୍ୟରେ ଏହାର ବହୁଳ ପ୍ରୟୋଗ ପରିଦୃଷ୍ଟ ହେଉଥିବାରୁ ମନେହୁଏ କବି ପୁରାଣ ପରମ୍ପରାକୁ ଅନୁସରଣ କରି ପ୍ରାରମ୍ଭିକ ଅବସ୍ଥାରେ ଏଭଳି କାବ୍ୟ ରଚନା ନିମନ୍ତେ ଅଗ୍ରସର ହୋଇଥିଲେ ।

Digitized by srujanika@gmail.com

## ଶେଷକଥା :

ପରିଶେଷରେ ପରବର୍ତ୍ତୀ ସମୟରେ ଯେଉଁ ଉପେନ୍ଦ୍ର ଭଞ୍ଜ ଗିରଦର୍ପରେ ନିଜକୁ 'ଶବ୍ଦ ସମୁଦ୍ର ପାର', 'ନାନା ଶବ୍ଦ ଅର୍ଥ ଯେ ବିଚକ୍ଷଣ' ଓ ଅଳଙ୍କାର ବିବେଚନାକାରୀ ରୂପେ ଘୋଷିତ କରିଥିଲେ ତାଙ୍କର କୁଞ୍ଜବିହାର କାବ୍ୟର ଭାଷା, ଭାବ, ଶବ୍ଦ ସଂଯୋଜନା, ରଚନାଶୈଳୀ, ସରଳ କଳ୍ପନା ଆଦିକୁ ଅନୁଧ୍ୟାନ କଲେ ଏହାକୁ ତାଙ୍କ ପାଣ୍ଡିତ୍ୟର ଆଦ୍ୟପ୍ରସୂ ବା ପ୍ରାରମ୍ଭିକ ରଚନା ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ । କେବଳ ସେତିକି ନୁହେଁ ଯେଉଁ ଉପେନ୍ଦ୍ର ଭଞ୍ଜ ନିଜକୁ ରାମଉପାସକ ରୂପେ ବିଶେଷ ଭାବେ ପରିଚିତ କରୁଥିଲେ । ସେ ଯେ କୃଷ୍ଣ ଉପାସନାକୁ ଅଗ୍ରାହ୍ୟ କରିନାହାନ୍ତି ତାହା ଏହି କାବ୍ୟରୁ ପ୍ରତିପାଦିତ ହେଉଛି । ପରବର୍ତ୍ତୀ ସମୟରେ କୁଞ୍ଜକରଙ୍କ ଦ୍ୱାରା ରଚିତ 'କୁଞ୍ଜବିହାର' (୬୬), କୁଞ୍ଜବନ ପଟ୍ଟନାୟକଙ୍କ କୁଞ୍ଜବିହାର (୬୭) ଆଦି କାବ୍ୟ କବିଙ୍କ କାବ୍ୟର ନାମକରଣ ଓ ଭାବଧାରା ଦ୍ୱାରା ବିଶେଷ ଭାବେ ପ୍ରଭାବିତ । ମୋଟ ଉପରେ କହିବାକୁ ଗଲେ ଓଡ଼ିଆ ସାହିତ୍ୟ ଦରବାରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ 'କୁଞ୍ଜବିହାର' ଏକ ଅମ୍ଳାନ ସ୍ୱାକ୍ଷର ବହନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ କୃଷ୍ଣ କାବ୍ୟଧାରାର ଏକ ଅନବଦ୍ୟ ସୃଷ୍ଟି ରୂପେ ପ୍ରତିଷ୍ଠା ଲାଭ କରିବ ତାହା ଅନସ୍ୱୀକାର୍ଯ୍ୟ ।

—*—

Digitized by srujanika@gmail.com

## ପାଦଟୀକା :

୧. ଅବନାରସତରଙ୍ଗ, କଳାକଉତୁକ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଗୀତାଭିଧାନ, ଚଉପଦୀ ଚନ୍ଦ୍ର, ଚଉପଦୀ ଭୂଷଣ, ଚିତ୍ରପଦ୍ମଶ୍ରୀ, ଚନ୍ଦ୍ରରେଖା (ମାତ୍ର ୨ଟି ଛନ୍ଦ), ଚିତ୍ରକାବ୍ୟ ବନ୍ଧୋଦୟ, ଛନ୍ଦଭୂଷଣ, ଦଶପୋଇ (?), ପଞ୍ଚଶାୟକ (?), ପ୍ରେମ ସୁଧାନିଧି, ବଜାର ବୋଲି (?), ବୈଦେହୀଶ ବିଳାସ, ଭାବବତୀ, ଯମକରାଜ ଚଉତିଶା, ରସପଞ୍ଚକ, ରସପୋଇ (?), ରସଲେଖା, ରସିକ ହାରାବଳୀ, ରାମଲୀଳାମୃତ, ଲାବଣ୍ୟନିଧି, ଲାବଣ୍ୟବତୀ, ଶୋଭାବତୀ, ଶ୍ରୀମାଳାଦ୍ୱୀଶ ଚଉତିଶା, ଷୋଳପୋଇ, ସୁବର୍ଣ୍ଣରେଖା, ସୁଭଦ୍ରା ପରିଣୟ, ସଂଗୀତ ଉପେନ୍ଦ୍ର ଭଞ୍ଜ ।

୨. 'ଉପେନ୍ଦ୍ର ଭଞ୍ଜ' । ରହସ୍ୟ ସନ୍ଦର୍ଭ (୨/୧୭) । ସଂପା : ରାଜେନ୍ଦ୍ରଲାଲ ମିତ୍ର, କଲିକତା : ୧୮୭୪, ପୃ. ୫୧ ।

୩. 'Notes and Queries suggested by a visit to Orissa in January 1859'. by the Rev. J. Long—Journals of the Asiatic Society, No. III, Calcutta : 1859, P. 189-190.

୪. Orissa (Vol II), London : 1872, Appendix. IX, P. 209 A History of Orissa (Vol. II). Ed. by N. K. Sahu, Calcutta : 1956, Appendix III, P. 221.

୫. 'Notes on the language and literature of Orissa, Part III & IV'. JASB. (Vol. LX VII, Part. I, No. 4), Calcutta : 1898, P. 366.

୬. 'ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ' । ଉତ୍କଳ ସାହିତ୍ୟ (୭/୨) । କଟକ : ୧୯୦୩, ପୃ. ୧୯୨ ।

୭. ଉତ୍କଳ ସାହିତ୍ୟର ଇତିହାସ । କଟକ : ୧୯୧୬, ପୃ. ୨୭ ।

୮. Typical selections from Oriya literature, (Vol. II). Calcutta : 1923, Introduction P. xx.

୯. ଓଡ଼ିଆ ସାହିତ୍ୟର ଇତିହାସ । କଟକ : ୧୯୨୯, ପୃ. ୧୨୪ ।

Digitized by srujanika@gmail.com

୧୦. ପ୍ରାଚୀନ ଉତ୍କଳ । କଟକ : ୧୯୨୮, ପୃ. ୧୫୨ ।

୧୧. 'ଉପେନ୍ଦ୍ର ଭଞ୍ଜଙ୍କ ରଚନାବଳୀ' । ଭଞ୍ଜମୟୂଖ । ସମ୍ପା. ଡ଼ାକ୍ତର ଶୈଳେଶ୍ୱର ନନ୍ଦ । କଟକ : ୧୯୮୩, ପୃ. ୧୭୦ ।

୧୨. ମୁକୁର (୧୪/୨) । କଟକ : ଜ୍ୟେଷ୍ଠ ୧୩୨୬ ସାଲ, ପୃ. ୩୦ ।

୧୩. ହଣ୍ଟର ଇଂରାଜୀରେ 'Kunja Behara' ଲେଖିଥିବାରୁ ଜଗବନ୍ଧୁ ସିଂହ 'କୁଞ୍ଜବେହାର' ଉଲ୍ଲେଖ କରିଛନ୍ତି ।

୧୪. ମୁକୁର (୧୪/୯,୧୦) । କଟକ : ପୌଷ, ମାଘ ୧୩୨୬ ସାଲ, ପୃ. ୧୯୨-୧୯୩ ।

୧୫. ଘୁମୁସରର କାବ୍ୟ । ଭଦ୍ରଖ : ୧୯୩୫, ପୃ. ୧୦୬ ।

୧୬. ରତ୍ନକୋଷ । କଟକ : ୧୯୩୫, ପୃ. ୨୪୦ ।

୧୭. ଭଞ୍ଜକବ । କଟକ : ୧୯୩୮, ପୃ. ୧୨ ।

୧୮. ଓଡ଼ିଶା ଇତିହାସ । କଟକ : ୧୯୪୮, ପୃ. ୪୧୬, ୪୧୭ ।

୧୯. Kabisamrat U pendra Bhanja Smaranika. Cuttack : 1950, P. ii.

୨୦. କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । କଟକ : ୧୯୫୯, ପୃ. ୪୨ ।

୨୧. କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏକ ସମୀକ୍ଷା । ଭୁବନେଶ୍ୱର : ୧୯୭୨, ପୃ. ୧୧୮-୧୧୯ ।

୨୨. ଭଞ୍ଜଭୂମିକା (୧ମ ଭାଗ) । କଟକ : ୧୯୭୫, ପୃ. ୪୫୫ ।

୨୩. ଖୁର୍ଦ୍ଧା ଇତିହାସ । କେଦାରନାଥ ମହାପାତ୍ର । ଭୁବନେଶ୍ୱର : ୧୯୬୯ ପୃ. ୨୮୮ ।

୨୪. A forgotton chapter of Orissan History. by P. K. Patnaik, Calcutta : 1979, P. 56.

୨୫. ଚଉପଦୀଭୂଷଣ—ଚଉପଦୀ 'ରମଣୀ ରତନ ରତାନ୍ତରେ ଏକବଦନ'

୨୬. ଶବ୍ଦକାବ୍ୟ ବନ୍ଧୋଦୟ—ପ୍ରାଚୀନ ରଥବନ୍ଧ ।

୨୭. ଚଉପଦୀଭୂଷଣ—ଚଉପଦୀ ଗ, ଚ, ଧ, ମ, ଷ ।

Digitized by srujanika@gmail.com

୨୮. ବୈଦେହୀଶ ବିଳାସ—ଛାନ୍ଦ ୧୮, ୧୯, ୪୧, ୪୮, ୫୦

୨୯. ରସପଞ୍ଚକ—ପ୍ରଗଳ୍‌ଭା ରତିସ୍ପୃହା (୫ମ ପଦ)

୩୦. ରସଲେଖା—୨୨/୧୯

୩୧. ଲାବଣ୍ୟବତୀ—୧୫/୪୨, ୪୪/୨୩

୩୨. ସୁଭଦ୍ରା ପରିଣୟ—୧୪/୩୭

୩୩. ଅବନାରସତରଙ୍ଗ, କଳା କଉତୁକ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଚନ୍ଦ୍ରରେଖା, ଚିତ୍ରକାବ୍ୟ ବନ୍ଧୋଦୟ, ପ୍ରେମ ସୁଧାନିଧି, ବୈଦେହୀଶ-ବିଳାସ, ଭାବବତୀ, ରସପଞ୍ଚକ, ରସଲେଖା, ଲାବଣ୍ୟବତୀ ଓ ସୁଭଦ୍ରା ପରିଣୟ ।

୩୪. ମହାଭାରତ (ଆଦିପର୍ବ ୧ମ ଖଣ୍ଡ) । ସମ୍ପା. ଆର୍ତ୍ତବଲ୍ଲଭ ମହାନ୍ତି । ଭୁବନେଶ୍ୱର : ୧୯୬୫, ପୃ ୫୨୦-୫୨୧ ।

୩୫. ମହାଭାରତ (ଉଦ୍‌ଯୋଗ ପର୍ବ) । ଭୁବନେଶ୍ୱର : ୧୯୬୮, ପୃ ୧୩୫ ।

୩୬. ମହାଭାରତ (ବନପର୍ବ ୨ୟ ଖଣ୍ଡ) । ଭୁବନେଶ୍ୱର : ୧୯୬୦, ପୃ ୩୬୩-୩୬୫ ।

୩୭. ଓଡ଼ିଆ ରାଧା ସାହିତ୍ୟ । ଡ଼ଃ ଆଶୁତୋଷ ପଟ୍ଟନାୟକ । ଭୁବନେଶ୍ୱର : ୧୯୮୮, ପୃ ୧୯୨ ।

୩୮. ଚଉତିଶା ମଧୁଚକ୍ର (୪ର୍ଥ ଖଣ୍ଡ) । ସମ୍ପା. ବଚ୍ଛନ୍ଦ ଚରଣ ପଟ୍ଟନାୟକ । କଟକ : X, ପୃ ୮୬-୯୬ ।

୩୯. ଚନୈବ (୫ମ ଖଣ୍ଡ) । ସମ୍ପା. ବଚ୍ଛନ୍ଦ ଚରଣ ପଟ୍ଟନାୟକ । କଟକ : ୧୯୩୩, ପୃ ୬୫-୮୨ ।

୪୦. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି ନଂ Cy 201.

୪୧. ଘାଟ ବୋଳି—ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି ନଂ Or. Ms-93.

୪୨. ଭୂତକେଳି—ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି ନଂ OL 313. ।

Digitized by srujanika@gmail.com

୪୩. ବନମାଳୀ ଗ୍ରନ୍ଥାବଳୀ—ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି ନଂ Cy 132.
୪୪. ରାଧା ବିଳାସ—ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି ନଂ Cy 139.
୪୫. ଡକ୍ଟର କୃଷ୍ଣଚରଣ ସାହୁଙ୍କ ସୌଜନ୍ୟରୁ ପ୍ରାପ୍ତ ।
୪୬. ସଂଗୀତ ଉପେନ୍ଦ୍ର ଭଞ୍ଜ । କଲିକତା : ୧୯୨୫, ପୃ ୪୮ ।
୪୭. ସଂଗୀତ ସାଗର । ସମ୍ପାଦକ, ଦାମୋଦର ପଟ୍ଟନାୟକ ।
ଭୁବନେଶ୍ୱର : ୧୯୬୫, ପୃ ୨୭ ।
୪୮. ଡକ୍ଟର କୃଷ୍ଣଚରଣ ସାହୁଙ୍କ ସୌଜନ୍ୟରୁ ପ୍ରାପ୍ତ ।
୪୯. ଓଡ଼ିଶା ରାଜ୍ୟ ସଂଗ୍ରହାଳୟ Cy 462, ପୃ ୫ ।
୫୦. ଓ: ରା: ସଂ:—Cy 534, ପୃ ୪୨-୪୩ ।
୫୧. ଓ: ରା: ସଂ:—Cy 510, ପୃ ୧୫ ।
୫୨. ସଂଗୀତ ସାଗର । ଭୁବନେଶ୍ୱର : ୧୯୬୫, ପୃ ୨୭ ।
୫୩. ସଂଗୀତ ଉପେନ୍ଦ୍ର ଭଞ୍ଜ । କଟକ : ୩ୟ ସଂସ୍କରଣ, ୧୯୨୮, ପୃ ୧୧ ।
୫୪. ସଂଗୀତ ସାଗର । ଭୁବନେଶ୍ୱର : ୧୯୬୫, ପୃ ୨୪୪ ।
୫୫. ଓ: ରା: ସଂ:—Cy 619, ପୃ ୩୨-୩୮ ।
୫୬. ସ୍ୱର୍ଗତ ବଳି ମହାପାତ୍ରଙ୍କ ସୌଜନ୍ୟରୁ ପ୍ରାପ୍ତ ।
୫୭. ଡକ୍ଟର ବଂଶୀଧର ମହାନ୍ତିଙ୍କ ସୌଜନ୍ୟରୁ ପ୍ରାପ୍ତ ।
୫୮. ଲାବଣ୍ୟବତୀ । କଞ୍ଜୁରୁ, ଗଞ୍ଜାମ : ×, ପୃ ୧ ।
୫୯. ଉପେନ୍ଦ୍ର ଭଞ୍ଜ ସଂଗୀତ (୧ମ ଭାଗ) ।
କଟକ : ୩ୟ ସଂସ୍କରଣ ୧୯୪୧, ପୃ ୮-୯ ।
୬୦. ଓଡ଼ିଆ ସାହିତ୍ୟର ଇତିହାସ (୩ୟ ଭାଗ) ।
କଟକ : ୧୯୬୬, ପୃ ୩୬ ।
୬୧. କୁଞ୍ଜବିହାର—ଷଷ୍ଠ ଛାନ୍ଦ ଦ୍ୱିତୀୟ ପଦ ।
୬୨. ତତ୍ରୈବ—୧/୧,୨ ।
୬୩. ତତ୍ରୈବ—୬/୭ ।

Digitized by srujanika@gmail.com

୬୪. ଛନ୍ଦୈବ—୨/୨, ୫/୨୧, ୩/୧,୨ ଇତ୍ୟାଦ।

୬୫. ଛନ୍ଦୈବ—୨/୧୬। ଚୂଡ଼କାଗ୍ରକୁ ମାରର ଲୌହ ବାଟୁଳ ରୂପେ ମଧ୍ୟ ପରବର୍ତ୍ତୀ କାବ୍ୟ ରସଲେଖା (୪/୩)ରେ ବର୍ଣ୍ଣନା କରାଯାଇଅଛୁ।

୬୬. କୁଞ୍ଜବହାର। ସମ୍ପା. ଶ୍ରୀ ଶିବପ୍ରସାଦ ଦାସ। କଟକ: ୧୯୩୪।

୬୭. ଉତ୍କଳ ବଶ୍ୱବଦ୍ୟାଳୟ ପୋଥି ନଂ· OL. 75।

●

Digitized by srujanika@gmail.com

# କୁଞ୍ଜବିହାରୀ

## ପ୍ରଥମ ଛାନ୍ଦ

### ରାଗ—କଉଶିକ

ଜୟ ଜୟ ଜଗନ୍ନାଥ ହେ ଅନାଥନାଥ ନୀଳଗିରି ସୁନ୍ଦର ।
ଚନ୍ଦ୍ର ଘନସାର ଶୋହେ ଘନସାର ଦରନାଶନ ଦଣ୍ଡଧର ।
ମହାପ୍ରଭୁ ହେ, ପଦ୍ମା ପଦ୍ମମୁଖ ଭ୍ରମର,
ହର ମନୋହର ପର ହିତକର × × ଦର୍ପହର ।୧।

କରୁଣା କମଳନିଧି ହେ କମଳ ଇନ୍ଦ୍ରମଣି ନେତ୍ର କମଳ ।
ବଦନ କମଳ ଲାଞ୍ଛନ କମଳ ଆସନ ବଞ୍ଚିତ ଗୋପାଳ ।
ମହାପ୍ରଭୁ ହେ, ବିବୁଧ ପ୍ରଭୁ ଦଇତାରି,
ଗୋଲୋକ ଗୋକୁଳ କୁଳ ରକ୍ଷାକର କରକ ରଦନ ଶ୍ରୀହରି ।୨।

କରିବି କୁଞ୍ଜବିହାର ନାମେ ଗୀତ ହେବ ସୁଧାରସ ପୂରିତ ।
କହିବି ରାଧାମାଧବ ସୁଧାକେଳି ସୁଜନେ ଶୁଣ ଏଥୁ ଅନ୍ତ ।
ଗୋପନଗରେ, ନନ୍ଦ ନାମେଣ ବ୍ରଜବର,
ତାହାର ପୁରେ ବିଜୟେ ଦେବରାଜ ମୁଖ୍ୟ ବାଞ୍ଛିତେ ଶଶଧର ।୩।

ବୃନ୍ଦା ବିପିନେ ଘନବର ବରନ ଗୋବତ୍ସ ରଖେ ପ୍ରତିଦିନ ।
କାଳିନ୍ଦୀ କୂଳରେ କଦମ୍ବ ମୂଳରେ କରୁ ଯେ ଥାନ୍ତି ବେଣୁସ୍ୱନ ।
ବନ ମହିମା, ଶେଷ ନ ପାରେ କରି ଶେଷ,
ଯହିଁରେ ସର୍ବଦା ବସନ୍ତ ବହଇ ତହିଁ ବିଜୟେ ପୀତବାସ ।୪।

ଏଥୁ ଅନନ୍ତରେ ଶୁଣ ସୁଚିତ୍ତରେ ବସନ୍ତ ଉତ୍ସବ ହୋଇଲା ।
ପ୍ରବାଳ ପରୟେ ହୋଇଣ ତରୁଣ ବନ ପ୍ରବାଳକୁ ଧଇଲା ।
ମାର ଯାମିନୀ, ମାର ମାର ବୋଲି ଭଜିଲ,
ରଣରଣଙ୍କର ରଣଜୟଭୃଙ୍ଗ ଘଣ୍ଟି ରଣ ରଣ ବାଜିଲା ।୫।

---

* 'କ' ପୋଥିପାଠ—ଶ୍ରୀ କୁଞ୍ଜ ବେହାରୀ

Digitized by srujanika@gmail.com

ହୋଇଣ ପ୍ରବେଶ ବସନ୍ତ ନରେଶ ପରାଏ ପାଇଲ ଶୋଭନ ।
ପୁଷ୍ପ ଗୁଚ୍ଛତାର ତାମରସ କୁଳ ପକାଉଛନ୍ତି ତରୁଗଣ ।
ଦ୍ୱିଜ କୋକିଳ, କହେ ସୁମନେ ଅନୁକୂଳ,
କେଶର କନକ* କାନ୍ତି ଶୋଭାରେ ବିରହୀକୁଳକୁ ଅନୁକୂଳ ।୬।

ଚମ୍ପା ମରକତ ରଥ ପ୍ରାଏ ଶୋଭା କେଶର ମଣ୍ଡଣି ହୋଇଛି ।
ଘନ କାଳେ ଘନ କୋଳେ ଘନ ଲତା ପରାଏ ଶୋଭନ ପାଉଛି ।
ନଷ୍ଟେ କବା ଏ, ଘନେ ଭର ଚାପ ଶୋହୁଛି,
କି ଅବା ବସନ୍ତ ରାଜା ଉତ୍ସବରେ ଧାଇଁ ହେମ ପୁଷ୍ପ ବାଞ୍ଛୁଛି ।୭।

ଲତାକୁ ଲତା ଛନ୍ଦ ହେଲ ପରାଏ ରାଜା ପାଇଁ ଗୃହ ରହୁଛି ।
ନାରୀ କି ପୁରୁଷ ଆଲିଙ୍ଗନ କଲ ପରାଏ ଶୋଭା ପ୍ରକାଶୁଛି ।
ଝଡ଼ି କୁସୁମ, ଗୋଟି ଗୋଟି ହୋଇ ପଡ଼ୁଛି,
କାନ୍ତ ଆଲିଙ୍ଗନେ କଣ୍ଠ ମୋତିହାର ଖସିଲ ପରାଏ ଦିଶୁଛି ।୮।

ଯେସନେ କମଳ ଦେଖିଣ ଶୋଭନ ଏକ ସଖୀ ଗଲ ବହନ ।
ବୃଷଭାନୁର ନନ୍ଦନୀର ଛାମୁରେ କହିଲ ବନ ଶୋଭାବନ ।
ଆଗୋ ସଖି ଗୋ, ବୃନ୍ଦାବନ ଶୋଭା ହୋଇଛି,
ସୁରପୁର ପ୍ରାଏ ଉପମା ହୋଇଛି ସୁମନ ସଭା ସେ ଶୋହୁଛି ।୯।

ନଷ୍ଟପ୍ରାଏ ନରେନ୍ଦ୍ର ପରାଏ ଶୋଭନ ପରଭୃତ ସୁଖ ଦେଉଛି ।
ପୁଷ୍ପବଲ୍ଲୀ ନାଗ ପରାଏ ଦିଶୁଛି ଦୂରୁ ସହରଷ କରୁଛି ।
ଶୁଣି ରାଧିକା, ବୋଲନ୍ତି ପିବା ବନ ଦେଖି,
ସଧୀରେ ବାହାର ହେଲେ ଚନ୍ଦ୍ରମୁଖୀ ସଙ୍ଗତେ ଘେନି ସର୍ବସଖୀ ।୧୦।

ପ୍ରବେଶ ବନରେ ବନଜ ବଦନୀ ବନକୁ ପ୍ରଶଂସା କରନ୍ତି ।
ଶୋଭା ତରୁବରେ ବନପଲ୍ଲବରେ ରାଧାଧର ପ୍ରାଏ ଶୋଭନ୍ତି ।
ବୃକ୍ଷ ଲତିକା, ପୁଷ୍ପବର୍ଣ୍ଣ ହୋଇ ରୁଚିର,
ପୀତ ବସ୍ତ୍ରଚ୍ଛେଦ ଆଣେ କି ନାୟକ ପକାଇଛନ୍ତି ହୃଦ ଉପର ।୧୧।

---

* 'କ' ପୋଥିପାଠ—କନକ

Digitized by srujanika@gmail.com

ଫଳଭରେ ନତ ହୋଇ କେଉଁ ତରୁ ଗୁରୁ କରେ ନମସ୍କାର କରୁଛି ।
କି ଅବା ଗର୍ଭବତୀ ହୋଇ ଯୁବତୀ ଭୂମି ଶୟନରେ ଶୋଇଛି ।
କେଉଁ ବୃନ୍ତଚ୍ୟୁତ, ନବୀନ ହୋଇ ଶୋଭାକର,
ତରୁ ଉପରକୁ କର ବଢ଼ାଉଛି ଜାରେ ବାରନାରୀ ପ୍ରକାର ।୧୨।

କେଉଁ ମହୀରୁହ ଶାଖା ପାଇକରି ମଞ୍ଜରୀ ମୂଳକୁ ଛୁଉଁଛି ।
କର ପ୍ରସାରନ୍ତେ ଚରଣ ତଳକୁ ପବନେ ଚଞ୍ଚଳ ହୋଉଛି ।
କାନ୍ତା କାନ୍ତର, କର କି ଦେଉଛି ପକାଇ,
ନାହିଁ ନାହିଁ କରି ହକାର କରୁଛି ତେଣୁ କି ତା ଶିର କମ୍ପାଇ ।୧୩।

ତରୁ ଶିରୋମଣି ତରୁଣୀ ବଲ୍ଲରୀ ସୁନ୍ଦରୀ ଶୋଭନ ପାଉଛି ।
କି ଅବା ପୁଷ୍ପବତୀ ହୋଇ ଯୁବତୀ କାନ୍ତାରେ ସଙ୍କୋଚ ବହୁଛି ।
ନବବଲ୍ଲରୀ, କୁସୁମରେ ହୋଇ ଶୋଭନ,
ନିଜ ପ୍ରାଣନାଥ ଦେଖି କି ହରଷ କରୁଛି ରମଣୀ ରତନ ।୧୪।

ହରଷ ହୋଇଲେ ତରୁଣୀ ରମଣୀ ତରୁଣ ବିପିନକୁ ଦେଖି ।
ଚମ୍ପକ ମୂଳରେ ପ୍ରବେଶ ହୋଇଲେ ହସି ବୋଲଇ ଏକ ସଖୀ ।
ଆଗୋ ସଖୀ ଗୋ, ଏ ପଂଶୁପତ୍ର ମନୋହର,
ଏହାର ପ୍ରସୂନ ପତ୍ର-ଚ୍ୟୁତ ହେଉ ଏହା ପାଶୁ ଯିବା ସତ୍ୱର ।୧୫।
ମଦନ ମାର୍ଗଣ ପ୍ରଜା ଛୁରୀଅନା ଅନା କାମିନୀ ଯେ ବହୁଛି ।
ନଷ୍ଟେ ତା ପାଶରେ ଥିବ ଯେ ପାଶରେ ମଦନ ପାଶରେ ନେଉଛି ।
ଆଗୋ ସଖୀ ଗୋ, ଦେଖ ଏ ନବନ ବକୁଳ,
ମଧୁମତ୍ତରେ ମତ୍ତ ହୋଇ ଯହିଁରେ ଝଙ୍କାର କରେ ମଧୁକୁଳ ।୧୬।

ସଖୀ ଏକ କହେ ମୋହ ପାଶେ ନାଗେଶ୍ୱର ଦେଖ ସଖୀ ସୁନ୍ଦର ।
ପରିହାସ ପାଇ ଛଳତା ବୋଇଲା ନପୁଂଶ ହୋଏ ନାଗେଶ୍ୱର ।
ଆଗୋ ସଖୀ ଗୋ, ଉତ୍ତମ କଥା ତୁମ୍ଭେ କହ,
ଚହ୍ନିଲ ଯେବେ ନାଗେଶ୍ୱର ବୋଲଣ ତାହା ପରେ ଯାଇ ଆରୋହ ।୧୭

ଏକ ପଣ୍ଡିତାକୁ ପଣ୍ଡିତା କହଇ କରି ଝର ବାଣୀ ସୁସ୍ୱରେ ।
ମଦନ ଆକୁଳେ ପୁରୁଷ ବିଟପୀ ଆଲିଙ୍ଗନ କରୁ ତୋଷରେ ।

Digitized by srujanika@gmail.com

ଆଗୋ ସଖୀ ଗୋ, × ×
× × × × ।୧୮।

ଧବ ସୁମନ ସୁଦନ୍ତ କି ଦେଉଛି ତିଳକ ରଜନୀକରରେ ।
ମନୋହର ଅତି ମଧ୍ୱୀକ ମଣ୍ଡି ଛି ବକୁର କର ତୋ ମନରେ ।
ଆଗୋ ସଖୀ ଗୋ, ଶୋଭା ସପ୍ତଶାଳ ଦେଖିରେ,
ମୁଁ ମଲ୍ଲୀ ମାଧବୀ ଆଉ ନ ତୋଳିବ ପଡ଼ିଲି ପଲାଶ ମୁଖରେ ।୧୯।

ଆଗୋ ସହଚରୀ ଦେଖ ସହଚରୀ ଅଶୋକ ବନ ରହିଅଛି ।
କାଟସ୍ଥାଳୀରେ କୁବଳୟ ଶୋଭନ କାନ୍ତକୁ କି ଏ ବନ୍ଧାଉଛି ।
ଆଗୋ ସଖୀ ଗୋ, ମୁକୁନ୍ଦ ନାହିଁ ତ ଦେଖିଲି,
ଗଣିକା ମୋ ପାଶେ ରହିଛି ସଜନୀ ବନ୍ଧୁଜୀବ ମୋ କେଉଣେ ଗଲି ।୨୦।

ଏକ ସଜନୀକି ଏବ ସଜନୀ ଯେ ପରିହାସ କରି ବୋଲୁଛି ।
ଦେଖ ତୋହର ଅବତଂସ କର୍ଣ୍ଣିକା ବିପରୀତ ରସେ ଚଳୁଛି ।
ଆଗୋ ସଖୀ ଗୋ, କବରୀ ପାଶରେ ପାଉଛି,
କମ୍ପାଇଁ ବଣା ହୋଇ କଳୁଭରେ ସୁମନସ-ବର ଲୋଡ଼ୁଛି ।୨୧।

ଧନ୍ୟରେ ନାଗରୀ ମୋ ବର୍ତ୍ତି ଆଶରେ ରଖିଅଛୁ ଏବେ ସୁମନ ।
ହେମଲତାରେ ଯେଉଁ ଫଳ ଫଳିଛି ତହିଁ ଯୋଡାଇଛୁ ବସନ ।
ଆଗୋ ସଖୀ ଗୋ, ଝପିନେ କମ୍ପାଇଁ ଭ୍ରମୁଛୁ,
ତୋ ଅଙ୍ଗରେ ହେମ ଫଳ ଥାଉଁ ଥାଉଁ କେଉଁ ଫଳକୁ ଖୋଜୁଅଛୁ ।୨୨।

ଏମନ୍ତ ବଚନରେ ପରିହାସ ହୋଇଣ କୁସୁମ ତୋଳିଗଲେ ।
ହଂସସୁତା ଘାଟରେ ସକଳ ସଜନୀ ଯାଇଣ ପ୍ରବେଶ ହୋଇଲେ ।
ମହାପ୍ରଭୁଙ୍କ, ପଦ୍ମପାଦରେ ଦେଇ ଚିତ୍ତ,
କହେ ଉତ୍ତଇନ୍ଦ୍ର ଭଞ୍ଜ ମଙ୍ଗରାଜ ପ୍ରଥମ ଗ୍ରନ୍ଥ ହେଲା ପ୍ରାନ୍ତ ।୨୩।

Digitized by srujanika@gmail.com

# ଦ୍ୱିତୀୟ ଛାନ୍ଦ

ଆଷାଢ଼ ଶୁକ୍ଳ ଦଶା । ରାଗ—ବସନ୍ତ

ଏଥୁ ଅନନ୍ତରେ ଶୁଣ ସୁଜନ ।
ରବିସୁତା ଦିଶେ ଅତି ଶୋଭନ ।
ଯେସନେ ଉପମା ପରତେ ମନ ।
ନିଶ୍ଚୟେ ଏହୁ ରମଣୀ ରତନ ।
କି ବୀଚି କୁନ୍ତଳ,
ନବ ସରସିଜ ମୁଖ ମଣ୍ଡଳ ।୧।

ନୀଳ ଉତ୍ପଳ ଯୁଗଳ ନୟନ ।
କୁମୁଦ ହାସରେ ଅତି ଯତନ ।
ମଧୁପ କି ଆଳି ବ୍ରତତି ଲତା,
କୋକନଦ କର ଅତି ଶୋଭିତା ।
ଜଘନ ପୁଳିନ,
ମୃଣାଳ ଭୁଜେ ଦିଶଇ ଯତନ ।୨।

ସଳିଳ ସୁଝୀନ ଶୁଭ୍ର ବସନ ।
ହଂସ ଗତିରେ ହୋଇଛି ମଣ୍ଡନ ।
ଚକ୍ରବାକ ସ୍ତନ ଅତି ସୁନ୍ଦର ।
ବାଜି ହୁ ଧୂନିକି ବାଏ ନୂପୁର ।
ସେ ମୂର୍ତ୍ତି ଉପମା,
ସୁର ହାର ପ୍ରାୟେ ଦିଶେ ସୁଷମା ।୩।

ସୁର ଗଙ୍ଗା କଲ୍ଲୋଳ ନିକର ।
ନୟନ ନିଶ୍ଚେ କୋକନଦ ସାର ।
ରଥାଙ୍ଗ ବଚନ ଡମ୍ବରୁ ସ୍ୱର ।
ସୁମନସ କୁଳକୁ ଉପହାର ।
ପୁଳିନ ନିକର,
କଇଳାସ ଗିରି ପ୍ରାୟେ ସୁନ୍ଦର ।୪।

Digitized by srujanika@gmail.com

ଏମନ୍ତେ ଯେଉଁ ଜନକୁ ଦେଖି ।
କଜ୍ଜଳ କେଶୀପ୍ରୁ ହୋଇଲେ ସୁଖି ।
ତହିଁରେ ମିଳିଲେ ରମଣୀଗଣ ।
ବନ ଶୋଭିଲା ବନ ଶୋଭାବନ ।
କି କେବ କୁରଙ୍ଗ,
ରଙ୍ଗ ଭଙ୍ଗରେ କରୁଛନ୍ତି ରଙ୍ଗ ।୫।

ଯଦ୍ୟପି ଖେଳଇ ଉରଜ କଷ୍ଟ ।
ଫୁଲବନେ ଝକାଟଇ କଟି ହର ।
କୁସୁମ ହାସରେ ସୁନ୍ଦର ଦଶେ ।
ବନ୍ଧୁଲି ଅଧର ମନକୁ ଆସେ । *
ନାସା ଶୁକ ବର,
ଗତରେ ମତ୍ତ କରିବ କାତର ।୬।

ଏକ ନାସା ପ୍ରେ ଆଶ୍ଚର୍ଯ୍ୟ ମନ୍ଦର ।
ବହନ୍ତି ଲମ୍ବା ପଟରେ ଗିରିବର ।
ଚନ୍ଦ୍ର ମଧ୍ୟଗ ଚନ୍ଦ୍ର ପ୍ରକାଶଇ ।
ଜଗତ ଜନଙ୍କୁ ପାଉନ୍ତି ମୋହ ।
ଆଶ୍ଚର୍ଯ୍ୟ ଅପାର,
ନଦୀ ପ୍ରବେଶୁଁ ହୋଇଲା ପ୍ରଚୁର ।୭।

ଦେଖି ବର୍ତ୍ତୁଳ ମୁଖ ନିଶାମଣି ।
ଚନ୍ଦ୍ର ମୂର୍ଚ୍ଛିତ ହେଲେ ନିଶାମଣି ।
କୁମୁଦ ମାନ ଉତ୍ଫୁଲ୍ଲ ନକର ।
ଝକତ ଉରସେ ସେ ମନୋହର ।
ଚନ୍ଦ୍ର ଭ୍ରମେ ଦେଖି,
ଭୃଙ୍ଗେ ଧାଇଁଲେ ଚକ୍ଷୁ ଉପେକ୍ଷି ।୮।

କେଉଁ କୁଚ ମେରୁ ସୋଇ ବାସ ।
ନେଇ ତା ନାଶଇ କମଳ କୋଷ ।

---

* 'କ' ପୋଥିରେ ଏଧାଡ଼ିଟି ନାହିଁ ।

Digitized by srujanika@gmail.com

କୁଚ ଶୋଭା ପାଇ ହରଷ ହୋଇ ।
ମନରେ ତାର ଏହା ବିଚାରଇ ।
ବଡ଼ ପୟୋଧର,
ସମାନ ନୋହେ ଚକ୍ରକୋଷ ଗୁର ।୯।

କୁମୁଦ ଦେଖି କେ ଏହା ବୋଲଇ ।
ମୋହ ହାସକୁ ପରି ସମ ତୁହି ।
ମୋହ ହାସ ମୋହେ ପୁରୁଷ ମନ ।
ମୋହ ହାସକୁ କାହିଁ ତୁ ସମାନ ।
ସେ ଅମ୍ବୁଜ ତୁଲେ,
କହି ସମ ଯେ କର ଭରି ଖେଳେ ।୧୦।

ନେତ୍ର ସାରଙ୍ଗ କରିଣ ତରଙ୍ଗ ।
କେହୁ ଦେଖୁଅଛି ଜଳତରଙ୍ଗ ।
ପ୍ରଫୁଲ୍ଲ ଶ୍ୱେତ କମଳ କେ ଧରି ।
ସଖୀ କି ଟେକେ ଛତ୍ରାକାର କରି ।
ଏକ ସଖୀ ଥାଇ,
ବୋଲଇ ଭୂପାଳ ହେଲେ ଗୋ ସେହି ।୧୧।

ସ୍ୱଭାବେ କଣ୍ଠକେ ଶୋଭା ପାଉଛି ।
ପୁଣି ନିତମ୍ବ ଚକ୍ର ଧରି ଅଛି ।
ଭୂରୁ ନେତ୍ର ଧନୁ ଶର ବହୁଛି ।
ବଳ ଚନ୍ଦ୍ର ହାସେ ଗରୁ ହୋଇଛି ।
ଶୁଣ ଆଗୋ ସଖୀ,
ଆମ୍ଭ ପାଇଁ ଥିବ କରୁଣା ରଖି ।୧୨।

ଏକ ନାଗରୀ କୁଚେ କର ଦେଲା ।
ପରିହାସେ ସଖୀ ଦେଖି ବୋଇଲା ।
ନିଷ୍ଠେ ରୋମାବଳି ପ୍ରବାଳ ତୋର ।
କନକ ବେଣୀ ଭୁମ୍ବୀରୁ ସୁନ୍ଦର ।
ଗୋ ସଖୀ ଏ ବାଣୀ,
ବଜାଅ ବସି ଗୋ ନୋହିଣ ବଣା ।୧୩।

Digitized by srujanika@gmail.com

କଉଁ ସଖୀ କର ଦେଲ ଗଣ୍ଡରେ ।
ଏକ ସଖୀ ତାକୁ ବୋଲଇ ଝରେ ।
ଭୁବନେ ତ ତୁମ୍ଭେ ଶୋଭା ପାଉଛ ।
କପାଇଁ କରରେ ଗଣ୍ଡ ଦେଇଛ ।
ଗୋ ହେଉଛୁ ମୋହ,
ଭ୍ରମର ଦେଖି ଏହା କହ କହ ।୧୩।

ଏମନ୍ତେ ସାରଣ ଉବକ ଲୀଳା ।
ବାହାର ହୋଇଲେ ସକଳ ବାଳା ।
ଆର୍ଦ୍ର ଶୁକ୍ଳପଟ୍ଟ ବସ୍ତ୍ରହେ ମିଶି ।
ଫୁଟିଣ ପୟୋଧର ବାହୁ ଦଶି ।
ଶିବା ଶିବ ବେନ,
ମନୋରମ ଦଶେ ଚନ୍ଦନ ଘେନ ।୧୪।

କନକ ଘଟେ ଅମୃତ ପୂରଇଁ* ।
କି ଅବା ବିଧାତା ଅଛଇ ଥୋଇ ।
ତଥି ଅଗ୍ରରେ ମୁଦ ଦେଇଅଛୁ ।
ତେଣୁ ଅଗ୍ରଭାଗ ଶ୍ୟାମ ହୋଇଛୁ ।
କି ଅବା ବାହୁଲ,
ମଦନ ରଖିଅଛୁ ଯତ୍ନେ ଭଲ ।୧୫।

ମର୍କତ କଣ୍ଠିକି ଥୋଇଛି ତହିଁ ।
ସତୀ ମାରଣ କାମ କର ବନ୍ଧ ।
ପିନ୍ଧିଲେ ସୁବାସ ହେଲେ ସୁବାସ ।
ଭଲକେ ସଂଯୋଗେ କର ପାରେ ନାଶ ।
ରାଧା ବେଶ ଦେଖି,
ବୋଲଇ ଲଳିତା ନାମେଣ ସଖୀ ।୧୬।

---

* 'ଇଁ' ପୋଥିପାଠ—ପୁରେଇ

Digitized by srujanika@gmail.com

ଚନ୍ଦ୍ରମା ପରାୟେ ମୁଖ ତୋହର ।
କସ୍ତୁରୀ ତିଳକ କନକ ଗାର ।
ଅମିୟ ଭରା ଅଧର ନିକର ।
ଚକୋର ନୟନ ସନ୍ତୋଷ କର ।
        କାମୀ ଚିନ୍ତାମଣି,
ତୋର ନାକଚଣା ତାରା ରୋହିଣୀ ।(୧୮)

ମହାଦେବ ପରା ଦିଶୁ ସୁନ୍ଦର ।
ଭସ୍ମ ଚନ୍ଦନ ବିଲେପ ଶରୀର ।
ମୁକୁତା ମାଳା ନିଶ୍ଚେ ଗଙ୍ଗାଧର ।
ଅମ୍ବୁଜ ଶୋଭା ବଦନ ତୋହର ।
        ସର୍ପ ରୋମାବଳୀ,
ଏଣୁ ମଣୁଛି ମହାଦେବ ବାଳୀ । (୧୯)

ଏମନ୍ତେ ଯେବଣ ସକଳ ସଖୀ ।
ବନେ ଗମନ କରେ ଚନ୍ଦ୍ରମୁଖୀ ।
ଜୟ ଜୟ କୃଷ୍ଣ ଶ୍ୟାମ ସୁନ୍ଦର ।
ମୋହନ ମୁରଲୀ ଯାର ଶ୍ରୀକର ।
        କେକୀ ପୁଚ୍ଛ ଭାର,
ଶିରରେ ଦିଶେ ଅତି ମନୋହର । (୨୦)

ରଙ୍ଗ ଅଧରରେ ମଧୁର ହାସ ।
ଯୋଗିଜନ ମନ କରିବ ବଶ ।
ସର୍ବାଙ୍ଗେ ଚନ୍ଦ୍ର ଚନ୍ଦନ ଲେପନ ।
ବିକଚ କମଳ ଜିତି ନୟନ ।
        ବଙ୍କିମା ଚାହାଣି,
ଯୁବତୀ ମନ ଆରଙ୍ଗ କାରିଣୀ । (୨୧)

Digitized by srujanika@gmail.com

ସେ ପଦ୍ମ ଚରଣେ ବଳାଇ ଚିତ୍ତ ।
ମଧୁ ଲମ୍ପଟେ ଯେହ୍ନେ ମଧୁବ୍ରତ ।
କହଇ ଉପଇନ୍ଦ୍ର ମଙ୍ଗରାଜ ।
ଚିନ୍ତା କରଣ ଇନ୍ଦ୍ର ଅବରଜ ।
ହେ ବରଜ ବନ୍ଧୁ,
କରୁଣା କର ହେ କରୁଣା ସିନ୍ଧୁ । (୨୨)

—*—

Digitized by srujanika@gmail.com

# ଭୃଙ୍ଗସ୍ତୁ ଛାନ୍ଦ
## ରାଗ—ମାଳବ

ଏଥୁ ଅନନ୍ତରେ ଶୁଣ ରସିକ ସୁଜନ ।
ସଖୀଗଣ ସେନ ରାଧା କରନ୍ତି ଗମନ । ।୧।

ବ୍ରଜପୁରେ କାଳନ୍ଦୀ କୂଳେ ନବଘନ ଶ୍ୟାମ ।
କଦମ୍ବ ଅବଲମ୍ବନେ ଅତି ଶୋଭାବନ । ।୨।

ଅଧରେ ମୋହନ ବେଣୁ ଲଗାଇ ମଧୁରେ ।
ମନ୍ଦ ମନ୍ଦ କରଣ ବାଉଛନ୍ତି ଧୀରେ । ।୩।

ଚୂଡ଼ାଚୂଳ ବକୁଳ ମୁକୁଳ କୁଳ ଗଭା ।
ଗୁଞ୍ଜା ପୁଞ୍ଜ ଖଞ୍ଜଣି ମୟୂର ପୁଚ୍ଛେ ଶୋଭା । ।୪।

ଉର ଦେଶେ ବନମାଳ କଉସ୍ତୁଭ ମଣି ।
ନବଘନେ ନକ୍ଷତ୍ର ସମୂହ ଚନ୍ଦ୍ର ଜାଣି । ।୫।

ମକର କୁଣ୍ଡଳ ବେନି ଶ୍ରବଣରେ ତୋରା ।
ନୀଳ ଗଗନରେ କିବା ଗୁରୁ* ଶୁକ୍ରତାରା । ।୬।

କସ୍ତୁରୀ ତିଳକ ଭାଲ ପଟ୍ଟରେ ମଞ୍ଜୁଳ ।
କାମ ଡେଉର ଥାଇ କି ମୋହନ କରବାଳ । ।୭।

ନାସିକାରେ ଶୋଭାବନ ଗଜମୋତି ବର ।
ତିଳ ପୁଷ୍ପ ଉପରେ କି ପଡ଼ିଛି ତୁଷାର । ।୮।

ଦେଖିଲେ ଏ ରୂପେ ରାଧା ଜଗତ ମୋହନ ।
ଭେଟ ପଡ଼ିଗଲା ତହିଁ ଚତୁର ନୟନ । ।୯।

ଦୁହେଁ ଦୁହିଁଙ୍କି ଦେଖିଣ ମନେ ମେ ପ୍ରମୋଦ ।
ଶ୍ଳେଷ କରଣ କହିବ ଶୁଣସି କୋବିଦ । ।୧୦।

କୁବଳୟ ସୁନ୍ଦର ସୁହାସ ସୁଧାକର ।
ମୁଖ କଞ୍ଜ ସୁବେଣୀ ସୁମନା ମନୋହର । ।୧୧।

---

* 'କ' ପୋଥିରେ × × × ଗୁରୁ ଶୁକ୍ରତାରା ଅଛି ।

Digitized by srujanika@gmail.com

ହରିତାଳ ଦ୍ୟୁତ ହର ବସନ ରୁଚିର ।
ଚଦ୍ରଗ ଚରଣ ନାଗର ଦର୍ପହର । ।୧୨।

ଏମନ୍ତ ଦେଖିଣ ବେନି ବେନି କଳେବର ।
ମାନସ ଚଞ୍ଚଳ କଲା ପୀଡ଼େ ପଞ୍ଚଶର । ।୧୩।

ଜାନୁ ଥର ଥର ହୋଇ ଅଧର କମ୍ପିଲା ।
କଣ୍ଠ ତଟ ଶୁଖିଲା ବାଣୀ ନ ସ୍ଫୁରିଲା । ।୧୪।

ନିଃଶ୍ୱାସ ପବନ ଖରତର ପ୍ରସରିଲା ।
ସ୍ୱେଦ ବିନ୍ଦୁ ଜାତୁ ଅଙ୍ଗ ଆସକତ ହେଲା । ।୧୫।

ବେନି ମନ ସିନ୍ଧୁ ଏକ ହୋଇ ନିମଜ୍ଜିଲା ।
ମହାଣ୍ଟ ଯୋଗ ବୁଡ଼ଣ ମହତ ବୁଡ଼ିଲା । ।୧୬।

ମନେ ଏହା ବଚ୍ଛର କରଣ ମାରବର ।
ପୂର କର କହ୍ୱବ ମୁଁ ଦୁଷ୍ଟସ୍ଥ ହୃଦର । ।୧୭।

ପଞ୍ଚଶର ମନ୍ତ୍ରବଳେ କୋଟି କୋଟି କଲା ।
ରୋମକେ କୋଟିଏ ଶର ମଦନ ବିନ୍ଧିଲା । ।୧୮।

## ରୂପକ

ଘନପ୍ରାଏ ଫୁଲ ଶର ଶୋଭା ପ୍ରକାଶିଲା ।
ନବ ହୃଦୟ ଜଗତେ ଅନ୍ଧାର ଘୋଟିଲା । ।୧୯।

ଗୁଣନବ ଘଡ଼ଘଡ଼ି ନିରତେ ପଡ଼ିଲା ।
ହସ୍ତବଳା ତେଜ କି ସେ ଚଡ଼କ ମାଇଲା* । ।୨୦।

ଇନ୍ଦ୍ରଧନୁ ଫୁଲଧନୁ ନିରେଖି ତା ଶର ।
ବକଚ ମାଳକା ପ୍ରାୟେ ଦଶିଲା ସୁନ୍ଦର । ।୨୧।

ମନ ମୀନକଣ୍ଠ ତହିଁ ସୁଖେ ନୃତ୍ୟ କଲା ।
ନିଃଶ୍ୱାସ ପବନ ଝଞ୍ଜାନିଳ ପ୍ରସରିଲା । ।୨୨।

ସ୍ୱେଦନୀର ତାର ତରଳ ଝର ବର୍ଷିଲା ।
ଏମନ୍ତେ ବରଷାପ୍ରାପ୍ତ ମନରେ ହୋଇଲା । ।୨୩।

---

* 'କ' ପୋଥିରେ 'ହସ୍ତ × × × ଚଡ଼କ ମାଇଲା' ଅଛି ।

Digitized by srujanika@gmail.com

ପଥେ ରହ ରହ ହୋଇ ଗମେ ନବବାଳୀ ।
ମନ ନସ୍ତକ ନଚଳେ ଦେଖି ବନମାଳୀ । ।୨୪।

ସ୍ୱଗୁର କରଇ ବାଳା ମହାଦେବ ଚିନ୍ତ ।
ପ୍ରେ ପୁରୁଷ ଅଙ୍ଗ ସଙ୍ଗେ ଲଭିବ ମୁକତ । ।୨୫।

ପୂର୍ବ ଜନ୍ମେ ମୁହିଁ ଯେବେ ତପ କରିଥିବ ।
ପ୍ରାଣନାଥ କରି ତେବେ ଏହାକୁ ପାଇବ । ।୨୬।

ନିଜ ପତ୍ତରେ ମୋହର ନ ବଳଇ ମନ ।
କେମନ୍ତେ ଜାଣିବି ମୁଁ ଏ କାହାର ନନ୍ଦନ । ।୨୭।

ଏମନ୍ତେ ଚଉ ଅଳସ ଛନ୍ଦେ ଟେକି ଭୁଜ ।
ଦେଖାଇବା ଇଚ୍ଛା କରି ଅଧିକ ଉରଜ । ।୨୮।

କୁଶ କଣ୍ଟକ ବହାନା ବୋଲିଣ ଚରଣେ ।
କେଉଁଠାରେ ରମଣୀ ରତନ ରହେ କ୍ଷଣେ । ।୨୯।

ଆସ ଆସ ବୋଲିଣ ଡାକିଲେ ପ୍ରାଣସଖୀ ।
ମନ୍ଥର ଗତି ସତ୍ୱରେ ନ କରେ ସୁମୁଖୀ । ।୩୦।

ରସିକ ନେତ୍ର ବିଷମ ଉରଜ ଦର୍ଶନେ ।
ଆଳୀ ଜାଙ୍ଗଳିକ ବାଣୀ ମନ୍ତ୍ରକୁ ନ ମାନେ । ।୩୧।

ଏମନ୍ତେ ମନେ ବିଚ୍ଛୁରେ ରସିକ ଶ୍ରୀହରି ।
କାହାର ନନ୍ଦନୀ ଏ ଛ ଅପୂର୍ବ ସୁନ୍ଦରୀ । ।୩୨।

ମୁକ୍ତ ମୋହନାର ଗୁମ୍ଫ ଏ ଗୁରୁ ଚିବୁକ ।
ପଦ ଆଦ୍ୟ ପ୍ରାନ୍ତାକ୍ଷର ହେବେ ଧନାତ୍ମକ । ।୩୩।

ଏଥି ଯେ ଚୁମ୍ବନ ଦେବେ ଦେବପତି ପଦ ।
ତାହାକୁ ଅଧିକ କେବେ ନୋହିବେ କୋବିଦ । ।୩୪।

ଅତ୍ୟନ୍ତ ଦେଖିଣ ଶୋଭା ମୋହ ନାମ ଭାବ ।
ନ ବର୍ଣ୍ଣିଣ ଭଜବେ ଯେ ଅଧିକ ପଦବୀ । ।୩୫।

ଜଗତେ ଅଛନ୍ତି ଯେତେ ଉପମେୟ ମାନ ।
କେ କେଉଁ ଅଙ୍ଗ ଶୋଭାକୁ ହୋଇବେ ସମାନ । ।୩୬।

Digitized by srujanika@gmail.com

ଏମନ୍ତେ ବକ୍ଷରୁ ବାଜ ପୁଷ୍ପଶର ଶର ।
ପ୍ରଳୟ ଦଶାକୁ ପ୍ରାପ୍ତ କଲେ ବେଣୁଧର । ।୩୭।

ହେମନ୍ତ ପ୍ରାଏ ଯୋଡ଼ିଲ ଶଇତ୍ୟ ପ୍ରକାର ।
ସ୍ୱେଦ ବିନ୍ଦୁ ଛଳାରେ କି ମୁଞ୍ଚିଲ ଶୀକର । ।୩୮।

ବଦନ କମଳ ଏଣୁ ବିରସ ହୋଇଲା ।
ତମାଳ ଶ୍ୟାମଳ ତନୁ ପାଣ୍ଡୁର ଦିଶିଲା । ।୩୯।

ଅନୁବରତରେ ଅଙ୍ଗୁ କମ୍ପ ହେଲା ଜାତ ।
ବ୍ରଜେନ୍ଦ୍ର ସୁତର ଦେଖି ଏମନ୍ତ ଚରିତ । ।୪୦।

ସୁଦାମ ସୁବଳ ବେନି ଧଇଲେ ଶ୍ରୀକର ।
ଅଞ୍ଚଳେ ବଞ୍ଚି ଶ୍ରୀମୁଖ ସିଞ୍ଚି ଶୀତ ନୀର । ।୪୧।

ଏ ସ୍ଥିତ ଦେଖିଲା ରାମା କରନ୍ତେ ଗମନ ।
ଚରଣ ନ ଚଳେ ଅଙ୍ଗେ ନ ରହଇ ଜ୍ଞାନ । ।୪୨।

## ରୂପକ

ଧର ଶକାର ବନ୍ଧିଲ ସୁମନ ସୁକାଳ ।
ହୃଦ ଦେଶେ ପରବେଶ ମଦନ ଅନଳ । ।୪୩।

ମାନସ କୁରଙ୍ଗ ଏଣୁ ଚଞ୍ଚଳ ହୋଇଲା ।
ସେନେହ ଉପଶ୍ୱରରେ ସ୍ନେହ ଯେ ବଳିଲା । ।୪୪।

ବୃନ୍ଦାବନ ଲଳିତା ବିଶାଖା ଏହା ଦେଖି ।
ଆଶ୍ୱାସନା କରଣ ଧଇଲେ ଶଶୀମୁଖୀ । ।୪୫।

ଚେତନା କରାଇ ସେ ସୁନ୍ଦରୀ ସହଚରୀ ।
କଷ୍ଟେ କଷ୍ଟେ ସଦନକୁ ନେଲେ ସହଚରୀ । ।୪୬।

ଏମନ୍ତେ ବ୍ରଜେନ୍ଦ୍ର ସୁତ ପାଇଣ ଚେତନା ।
ଚନ୍ଦ୍ରଂ ନ ଦେଖିଲେ ପାଶେ କୁରଙ୍ଗ ନୟନା । ।୪୭।

Digitized by srujanika@gmail.com

ଜୀବନ ଜନ ଜନରେ ପୂରଇ * ଜୀବନ ।
ଜୀବନ ମଣି ଅସ୍ତ ଉଛନ୍ନ ସୁମନ । ।୪୮।

ସୁମନ ସୁମନ ଶର ପରଯେ ମଣିଲେ ।
ଗୋକୁଳବାର ବରଦେ ଆକୁଳ ହୋଇଲେ । ।୪୯।

ଗୋପିମୁଖ ଅରବନ୍ଦ ଭ୍ରମର ଗୋବନ୍ଦ ।
ଚରଣେ ଶରଣ ପଶେ ଭଞ୍ଜ ଉପେନ୍ଦ୍ର । ।୫୦।

—*—



Digitized by srujanika@gmail.com

# ଚତୁର୍ଥ ଛାନ୍ଦ

## ରାଗ—ପଞ୍ଚମ ବରାଡ଼ି

ଶୁଣ ହେ ରସିକଜନ ଏଥିର ଅନ୍ତରେ ।
ମଦନ-ଅଗ୍ନି ପ୍ରବେଶ ହୃଦୟ ଅନ୍ତରେ ।
ଏମନ୍ତ ବିରହ ବଶେ କମଳ ନୟନ ।
କମଳ ଯୁକ୍ତ କୋମଳ ପଲ୍ଲବେ ଶୟାନ । ।୧।

ନାଗରୀ ନାଗର ଦର୍ପ-ହର ବେଣୁଧର ।
ଦଶେ ଦଶେ ଦଶେ ଏକା ମୂରତି ତାଙ୍କର ।
ଦେଖିଲେ ରଜନୀକରରେ ଚନ୍ଦନ ମିଶାଇ ।
ରଙ୍ଗ ପସରରେ ସେ ରଜନୀ କର ଦେଇ । ।୨।

ଚନ୍ଦ୍ରମା ଚନ୍ଦ୍ରମାମୁଖୀ ମଣଇ ଭାସ୍କର ।
କାବି ପ୍ରାଏ ପ୍ରତେ ହୋଏ ଚନ୍ଦ୍ରମା ମନ୍ଦର ।
ଅନଳ ଅନଳ ସମ ଶତ ଉପଚୂର ।
ନ ରୁଚଇ ଯୁଗ ସମ ରଜନୀ ବାସର । ।୩।

ଏମନ୍ତେ ପ୍ରବେଶ ଆସି ହେଲା ଚନ୍ଦ୍ରାବଳୀ ।
ସବତାଙ୍କର ମଣ୍ଡିଲେ ଚରମ ଶିଖରୀ ।
ମଧୂପ କୋଳରେ ଯେନ ପଦ୍ମା ଶୟନ ।
କାନ୍ତ ବିନୁଁ କାନ୍ତା କି ସେ ମୁଦିଲା ନୟନ । ।୪।

ପୂର୍ବ ଦିଗେ ଉଦୟ ହୋଇଲେ ନିଶାକର ।
କରେ କର କାମିନୀ ଯାମିନୀ କଣ୍ଠବର ।
ଅଙ୍କେ ଯେ କଳଙ୍କ ଅଛି ସେ ଅଙ୍କ ନୁହଇ ।
ରଜତ ପେଡ଼ରେ କିବା ମୃଗମଦ ଶୋହି । ।୫।

କିବା ରଜନୀ ହୋଇବ ବୋଲି କେଶ ବେଶ ।
ପ୍ରାଚୀନାରୀ ହସ୍ତରେ ଦେଇଛି ଆଦରଶ ।
କିବା ସେ କାମବାରଣ ବାରଣ କାରଣେ ।
ସମସ୍ତ କେଶରୀ ଶୋଭି ଗଗନ କାନନେ । ।୬।

Digitized by srujanika@gmail.com

ଏମନ୍ତ ରଜନୀ କାଳେ ହରିଣନୟନା ।
ଶୟନ କରନ୍ତି ଲଭି ମଦନ ଶୋଚନା ।
କୋକିଳ ବଚନ ଶୁଣି ବଜ୍ରଘାତ ମଣି ।
ଚମକି କୁମ୍ଭଜରଜା କୁମ୍ଭସୁତ ପୁଣି । ।୭।

ଛଳରେ ବାଣୀ ଭାଷଇ କରକି ରଦନା ।
ତୁ ରେ ପରଭୃତ କିମ୍ପା ନ ଘେନୁ ବେଦନା ।
ମଧୁ କାଳେ କେଉଁ ଲୋକ କରଇ ବିହାର ।
ଆରମ୍ଭି ଥାଉକି ଆଉ ବିବେକ ବିହାର । ।୮।

ତୋର କଳରବ ଆଦ୍ୟ ଅକ୍ଷରରେ ମୋତେ ।
ଆକାର ଥିଲା ପରାପ୍ତ ହୋଇଅଛି ପ୍ରତେ ।
ଏମନ୍ତେ ରମଣୀରତ୍ନ ଶୁଣି ଭୃଙ୍ଗ ସ୍ୱନ ।
ଛଳ ନିନ୍ଦା କରି ତାକୁ ବୋଲଇ ବଚନ । ।୯।

ମଧୁପ ବୋଲଇ ଏବେ ଯହୁଁ ସେ କୋବିଦ ।
ତେଣୁ କରି ସିନା କରୁଅଛୁ ଏତେ ନାଦ ।
ଅବିଘ୍ନ ନାଶନେ ଏବେ ହୋଇଅଛୁ ଦକ୍ଷ ।
ଏଣୁ ବଡ଼ ବଳ ତୁହି ଜାଣିଲି ପ୍ରତ୍ୟକ୍ଷ । ।୧୦।

କେଉଁ ଗୁଣ ପାଇଁ ତୋତେ ବସନ୍ତ ପ୍ରସୂନ ।
କି ଅବା ଭୟୁ ପାଇ ହୋଇଛୁ ପ୍ରସନ୍ନ ।
ପବନକୁ କହେ ରମା ମଳୟଜ ହୋଇ ।
ମଳୟୁ ରଜାକୁ ଏବେ ଦହୁଛୁ କିମ୍ପାଇଁ । ।୧୧।

ସ୍ୱଭାବେ ବାତ ରୂପାରୁ ତୋର କେଉଁ ଧର୍ମ ।
ନିରକ୍ଷ ବଧରେ ଏବେ ହୋଇଅଛୁ କ୍ଷମ ।
ବହୁଛୁ ଆଶୁଗ ନାମ ପର ମାରିବାର ।
ଉଚିତ ଧର୍ମ ତୋହର ଅଟଇ ସମୀର । ।୧୨।

ଅସୁର ଜନନୀ ଠାରୁ ହୋଇଅଛୁ ଜାତ ।
ସେ ଗୁଣ କେମନ୍ତେ ଏବେ ନ କରିବୁ ଖ୍ୟାତ ।

Digitized by srujanika@gmail.com

ଜଗତପ୍ରାଣ ଯେ ବୋଲେ ସେ ନ ବୋଲେ କଣ୍ଟି ।
ହର ବେନ ଅକ୍ଷର ମୁଁ ପ୍ରାନ୍ତରେ ମଣୁଛି ।।୧୩।

ଅଙ୍ଗଧ୍ୱଜ ହୋଇ ଅଙ୍ଗ ଲାବଣ୍ୟ ହୋଇଛ ।
କମ୍ପା କଶ୍ୟପନନ୍ଦନ ଅଧୈର୍ଯ୍ୟ କରୁଛ ।
ଆକୁଳ ହୋଇଣ ପୁଣି ନବୀନ ଅବଳା ।
ହନୁମାନ ଗରୁଡ଼ ଇନ୍ଦ୍ରକୁ ନନ୍ଦା କଲା ।।୧୪।

ପୁଣି ଶୀତକର ଦେଖି ଶୀତକରମୁଖୀ ।
ବୋଲଇ ଆଜନ୍ମ ସୁଖୀ କାମେ ହୋଇ ଦୁଃଖୀ ।
ତୋତେ ଅମୃତକର ଯେ ବୋଲେ ସେ ଗୁଆଁର ।
ମୁହିଁ ମଣୁଅଛି ଏବେ ଅଲୋପ ନକର ।।୧୫।

କୁମୁଦ ସୁଖଦ ସର୍ବ ଆମ୍ଭାକର ପ୍ରାସ
ହେତୁ ହିଁ ନ କର ଏଥୁଁ କେଉଁ ପଉରୁଷ ।

ବିରୋଧ

ତେଜେ ଗୁରୁଦ୍ରୋହୀ ଆରେ ତାରକା ରମଣ ।
ଶିବ ପ୍ରୀତି ହୋଇକ କେ ଶିବ ବିନାଶନ ।।୧୬।

ଜୀବନରୁ ଜାତ ହୋଇ ଜୀବନକୁ ନାଶ ।
କମଳାଧୃତ ହୋଇଣ କମଳ ବିନାଶ ।
କାଲି ଯେ ଦେଖିବା ପାଇଁ ଗଲା ବୃନ୍ଦାବନ ।
ତହିଁକ ଦେଖିଲୁ ତୁ ଗୋ ରମଣୀ ରତନ ।।୧୭।

× × ×

ସଖୀର ସମ୍ଭାଷ ଶୁଣି ଅନଳ ଜଳିଲା ।
ହୃଦୟର ବେଦନା ଆହୁତି ସମର୍ପିଲା ।।୨୪।

ସଖୀରେ କହଇ ଶୁଣ ଏ ବାଳା ବଚନ ।
କାଲି ମୁଁ ବନେ ଦେଖିଲି ଅତନୁ ମଦନ ।

Digitized by srujanika@gmail.com

ଅପୂର୍ବ ସୁନ୍ଦର ଦେଖି ହୋଇଣ ମୋହନ ।
ଦରଶନ୍ତୁ ବନ୍ଦୀ କଲେନେଲ ମୋର ମନ । ।୨୫।

କାହାର କୁମର ସେ ଗୋ ନ ଜାଣଇ ମୁହିଁ ।
ତାର ଲାଗି ମୋର ମନ ଆନେ ନ ବଳଇ ।
ମଧୁର ବଚନ ଶୁଣି ଧୈର୍ଯ୍ୟ କେ ଧରିବ ।
ମଞ୍ଜୁଳ ବଚନ ଶୁଣି ବଶ କେ ନୋହିବ । ।୨୬।

ଚତୁର୍ଦ୍ଦଶ ଭୁବନେ ଏମନ୍ତ ଯୁବା ନାହିଁ ।
କେମନ୍ତେ ଲଭିବି ତାକୁ କହ ପ୍ରାଣସହି ।
ସେ ରାଧାଚରଣ ପଦ୍ମେ ମନ ଭୃଙ୍ଗରାଜ ।
ରସେ କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ । ।୨୭।

—✳—

Digitized by srujanika@gmail.com

# ପଞ୍ଚମ ଛାନ୍ଦ

## ରାଗ—ଗୁଜ୍ଜରୀ

ଏଥୁ ଅନନ୍ତରେ ଶୁଣ ସାଧୁଜନ ।
ରାଧା ଖଣ୍ଡିତ ଜାଣି ଦୂତୀ ବୋଲଇ ବଚନ ।
ନନ୍ଦନ ତନ ଅକ୍ଷର ଲେଖିଣ ବର୍ତ୍ତୁଳ ।
ପଢ଼ିଣ ସେ ସେହି କ୍ଷଣେ ଶୁଣିଲ ଚତୁରୀ । ।୧।

ପ୍ରାବୃଟ କାଳରେ ଘନ ଯେଉଁ ବର୍ଣ୍ଣ ଧରେ ।
ସେ ନାମକୁ ସେ ନାଗର ବହଇ ବେଶରେ ।
ସେ ଯେବେ ସଖୀ ତୋହରେ ପ୍ରସନ୍ନ ହୋଇବ ।
ତମାଳର ବନେ ତେବେ ସିନା ସେ ମିଳିବ ✻ । ।୨।

ଏହା ବୋଲି ଉଠି ବାଳୀ ଆଗମନ କଲା ।
ବୃନ୍ଦାବନେ ହଂସସୁତା କୂଳରେ ମିଳିଲା ।
ଦେଖିଲା ନନ୍ଦ ନନ୍ଦନ ତନୁ ଅଙ୍ଗ ତନୁ ।
ନୀର ନିରନ୍ତରେ ବହେ ନୀରଜ ନୟନୁ । ।୩।

ସଜଳ ଜଳଜଦଳ ଶଯ୍ୟାର ଉପରେ ।
ଶୟାନ ଶ୍ୟାମସୁନ୍ଦର ବିରହ ବିକାରେ ।
ସୁମୃଣାଳ ବନମାଳ କରରେ ଧରିଣ ।
ଭଜନ କରନ୍ତି ରସବନ୍ତି ରୂପଗୁଣ । ।୪।

ସତତ ମାଳତୀମାଳ ନିନ୍ଦେ କଳେବର ।
ଦିଶୁଅଛୁ ସେ ଦିବସ ପରାୟେ ସୁନ୍ଦର ।
ଦେଖି ସହଚରୀ ହୋଇ ଆନନ୍ଦ ମନରେ ।
ପ୍ରବେଶ ହୋଇଲା କୃଷ୍ଣ ପାଶରେ ସତ୍ୱରେ । ।୫।

---

✻ 'କ' ପୋଥି— ତମାଳ ରତନେ ତେବେ ସିନା ନ ବାଧିବ ।

Digitized by srujanika@gmail.com

ଦୂତୀକ ଦେଖିଣ କୃଷ୍ଣ ମତି ଅତି ତୋଷ ।
ଭାନୁ ଦରଶନେ ଯେହ୍ନେ ପଙ୍କଜ ହରଷ ।
ଶ୍ରୀକୃଷ୍ଣଚନ୍ଦ୍ର ଦେଖି ଏମନ୍ତ ବେଶରେ ।
ଉଚ୍ଛୁଳେ ଦୂତୀକା ମନ ଆନନ୍ଦ ସାଗରେ । ।୬।

କତରେ ବସିଣ ଦୂତୀ ଏହ୍ନ ଭାନ୍ତି କହ୍ନି ।
ରତି ପତି ଖତିତ ଲଭିଛି କସ ପାଇଁ ।
ଶୁଣି କର ମଧ୍ୟରେ କହନ୍ତି ମଧୁହାସୀ ।
ନ ଜାଣଇ ତାହାକୁ କୁମାରୀ ସୁକୁମାରୀ । ।୭।

ମାରଜଲ କ ଭଙ୍ଗୀରେ ସେହ୍ନ ନେତ୍ର ଶର ।
ଅପର ହୋଇଛି ଏଣୁ ରଜନୀ ବାସର ।
ଦେଖିଲାରୁ ଲାବଣ୍ୟ ସଦନ ତା ବଦନ ।
ମଦନ* କରୁଛି ଏବେ ବେନକୁଁ କର୍ଦ୍ଦନ । ।୮।

ବବୋଧାଭାସ

ଚନ୍ଦ୍ର ପ୍ରାଶନ କରିବ କୃଷ୍ଣ କେଶ ଦେଖି ।
ମୁଖ ଦେଖି ରେବତୀ ରମଣ ହେବେ ସୁଖୀ ।
ଭାଲ ଚିହ୍ନି ଖାମ ଶମ୍ଭୁ ଭୂଷଣ କରିବ ।
ଭ୍ରୂରୁ ସାରଙ୍ଗ କେଉଁ ଗୁଣେ ଲକ୍ଷ୍ୟ ହେବ । ।୯।

ରାମ ବନବାସ କଲେ ଦେଖିଣ ନୟନ ।
କୃଷ୍ଣ ନାସିକା ଚିହ୍ନିଲେ ହୋଇବେ ଉଚ୍ଛନ୍ନ ।
କର୍ଣ୍ଣ ଦେଖି ଜମ୍ବୁପାଶ ଉପୁକୁ ଲଭିବ ।
ଦର୍ପକ ଦର୍ପଣ ଖଣ୍ଡ ଦର୍ଶନେ କରିବ । ।୧୦।

ସୁମନସ ହାସ ଦେଖି ହୋଇବେ ଅସ୍ଥିର ।
ପରଭୃତ ଦୁଃଖି ହେବ ଶୁଣି ତା ଉତ୍ତର ।
ଓଷ୍ଠ ଦେଖି ନାଗେଶ୍ୱର ବର ଦର୍ପ ଚୂର ।
ଏକ ଦଶନ ତା ଚିହ୍ନୁ କୁନ୍ଦ ଗର୍ବ ହର । ।୧୧।

* 'କ' ପୋଥି—ସଦନ

Digitized by srujanika@gmail.com

ଶ୍ରୀକୃଷ୍ଣ ସୁନ୍ଦରଗଣେ ବସମ୍ବାଦି ଶିରୀ ।
ଉରଜ ଗୁହିଁ ଗିରିଶ ହୋଇବେ ଚକିତ ।
ମୁନିଏ କହିବେ ଦେଖି ବାଳାର ବଦନ* ।
ସୁବାହୁ କେହୁଣ ଅବା ହୋଇବ ସମାନ । ।୧୨।

କରିକୁ ତାହାର କଣ୍ଠକର† ନୋହେ ସମ ।
ଘନ ଅଙ୍ଗୁଳି ଦିଶଇ ଅତି ଶୋଭାବନ ।
ରୋମାବଳୀ ତାର ମଧ୍ୟସଦନ ନିକର ।
କଟି ଦେଶନେ ହରି ହୋଇବ କାତର ।୧୩।

ପୀନ ନାଭି ଅଟଇ ତା ସୁମନ ମୋହନ ।
ନିତମ୍ବ ଦେଖିଲେ ଚନ୍ଦ ହୋଇବ କମ୍ପନ ।
ଜଘନ ଗୁହିଁ ମୃଗାଙ୍କମଣ୍ଡଳ ଆତୁର ।
ଜାନୁ ଶୋଭା ଅନନ୍ତ ବର୍ଣ୍ଣିବ କେଉଁ ଧୀର ।୧୪।

ମସୃଣ ପାଦକୁ ପାଥସୁତ ନୋହେ ସର ।
ଅଙ୍ଗ ନୁହଇ ସମାନ ମାନସ ଶଙ୍ଖାଷ୍ଟ ।
ଚରଣ ନଖରକୁଳ ନକ୍ଷେତ୍ର ଚନ୍ଦ୍ରମଣି ।
ଶ୍ରୀଅଙ୍ଗ ଗଜର ତାର ହରଣ୍ୟକୁ ଜିଣି ।୧୫।

କୁବଳୟେ ଭଜଗତ ହୋଇଲେ ତରୁଣୀ ।
ଅଙ୍ଗରେ ଯେ ବହିଅଛୁ ସୁମନା ରମଣୀ ।
ନେତ୍ର ମଦାଳସୀ ମୁଖ ଚନ୍ଦ୍ରରେଖା ଶୁଚୁ ।
ଗତ ଜନ ମନୋରମା ଜମ୍ଭା ତାର ଉରୁ ।୧୬।

ତାର ସ୍ୱର କଳାବତୀ, ଚନ୍ଦ୍ରରେଖା ଭୁରୁ ।
ଏମନ୍ତ ବିବିଧ ନାରୀ ବହିଅଛୁ ଖିରୁ ।
କହେ ଦୂତୀ ତୋତେ ଦେଖି ଦୁଃଖି କାମକଳା ।
ଅନୁକ୍ଷଣେ ଭାବୁଅଛୁ ତୁମ୍ଭ କାମ କଳା ।୧୭।

---

* 'କ' ପୋଥିରେ ସଦନ ।

† 'କ' ପୋଥିରେ ନାଗକର

Digitized by srujanika@gmail.com

ତାର ଅଙ୍ଗ ଦହୁଅଛି କାମ ଶମ୍ବରାରୁ ।
ଶତେ ଶତେ କାମବାମ ନାମ ଶମ୍ବରାରୁ* ।
ସର୍ବ କର୍ମ ଛାଡ଼ିବର ଯେ ମୂଖ କଳାକର ।
ବରହ ବକାରେ ସେ ହୋଇଛି କଳାକର ।୧୮।

କୁସୁମ କୋଦଣ୍ଡେ ଗୁଣ ଦେଇ ପଞ୍ଚଶର ।
ମର୍ମସ୍ଥାନ ବେଦ୍ଧ୍ୱଣ ଛନ୍ତି ପଞ୍ଚଶର ।
ମଣିଗଣ ରମଣୀ ମଣୁଛି ନେତ୍ରନ୍ତ ।
ବେଗେ ଛୁଟେ ସୁଫଳଟା କର ନେତ୍ର ଶ୍ରୁତ ।୧୯।

ଦୁଃସହ ପଡ଼ିଛି ଏବେ ତାର ଜୀବନରେ ।
ନେନ୍ତ ବେଳ ସମ୍ପୂର୍ଣ୍ଣ କରିଛି ଜୀବନରେ ।
ବିଳମ୍ବ କଲେ ବିନାଶ ହେବେ ଚନ୍ଦ୍ରାବଳୀ ।
ଅଙ୍କ ସମ ମଣୁଛି ଚନ୍ଦନ ଚନ୍ଦ୍ରାବଳୀ ।୨୦।

ଦୂତିକା ବଚନ ଶୁଣି ବୋଲେ ଶ୍ରୀଧର ।
ଚନ୍ଦ୍ରମୁଖୀ ଦେଇ ମୋତେ ସୁଖ ଶିତକର ।
ତୋହ ପରି ଯାହା ଆଉଁ ହେଲ ଧନମଣି ।
ଚନ୍ଦ୍ରମା ଚନ୍ଦ୍ରମାମୁଖୀ ମଣେ ଦିନମଣି ।୨୧।

ଅଧିକ ମୁଁ ତୋତେ କି କହିବ ପ୍ରାଣସହି ।
କଠୋର ଦୁଃଖକୁ ଅଛି ମୋର ପ୍ରାଣ ସହି ।
ଶ୍ରୀକୃଷ୍ଣ ବଚନେ ଦୂତୀ ହରଷ ହୋଇଲେ ।
ତାର ତୋର ସଙ୍ଗ ନଷ୍ଟେ କରିବ ବୋଇଲେ ।୨୨।

ତୋହର ପଦ୍ମଚରଣେ ମୁହିଁ ପଶିକର ।
ଏଣୁ ହିଁ ମନକୁ ତାପନକର ନକର ।
ଶୁଣି କମଳଲୋଚନ ଧଇଲେ ତା କର
ବୋଇଲେ ସମର୍ଥ ହେଲ ଯାହା ଇଚ୍ଛା କର ।୨୩।

ମୋ ବିଷୟେ ନର୍ଦ୍ଦ୍ୟେ ହୋଇଲେ ବିମ୍ବାଧରା ।
ଏମନ୍ତ କହିବୁ ତାର ଚରଣକୁ ଧରି ।

---

* 'କ' ପୋଥିରେ ଏ ଧାଡ଼ିଟି ନାହିଁ ।

Digitized by srujanika@gmail.com

ବାରେ ମାସ ସେ ତାପକୁ ଏ ଦୁଃଖୁ ଉଦ୍ଧରି ।
ରଖିରେ ଜଗତେ କ୍ଷଣେ ପୀନ ପୟୋଧର ।।୨୩

ବେଣୁପାଣି ଏ ବଚନ ଶୁଣି ସତ୍ୱରନ୍ତ ।
ସୁନ୍ଦରୀ ପାଶକୁ ବେଗେ ଗମନ ସେ କଲ ।
ହରଷ ହୋଇଛୁ ତାର ବଦନ ସାରସ ।
ସରସବନ୍ତୀ ପାଶରେ ହୋଇଲେ ପ୍ରବେଶ ।।୨୫

ବୈଶି ଥିଲେ ପୁରୁଷ ବହାନେ ସେ ଖଟରେ ।
ଶୋଇଅଛୁ ଦୁଃଖି ହୋଇ ଉତପତ ଖିରେ ।
ସଖୀ କ ଦେଖି ସୁମନ୍ତୀ ଉଠିଣ ବସିଲା ।
କହ ଶ୍ରବଣ ମଙ୍ଗଳ ବାଣୀ ସେ ବୋଇଲା ।।୨୬

କି କ କାର୍ଯ୍ୟ ସିଦ୍ଧି ହେଲା କହ ମୋ ପାଶରେ ।
ତୋ ବଚନେ ଅମୃତ ପିଅଇ ଶ୍ରବଣରେ ।
ଶୁଣି ଦୂତୀ କହେ ଶୁଣ ସୁନ୍ଦରୀ ରତନ ।
ତୋର ଦୁଃଖେଁ ବଡ ଦୁଃଖୀ ବ୍ରଜେନ୍ଦ୍ର ନନ୍ଦନ ।।୨୭

ନୀରଜ ଦଳନୟନ ବରଜ ବଲ୍ଲଭ ।
ଜଗତ ମୋହନ ଯୋଗୀଜନଙ୍କୁ ଦୁର୍ଲ୍ଲଭ ।
ନିରନ୍ତର ଧ୍ୟାଇ ତାର ଚରଣ ସରୋଜ ।
ଭଣେ କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ।।୨୮

—☀—

Digitized by srujanika@gmail.com

# ଷଷ୍ଠ ଛାନ୍ଦ

## ରାଗ—ଆହାର

ଶୁଣରେ ରମଣୀ ସମ୍ମୋହନ ମଣି ସେ ତୋର ରମଣ ଭାବୁଛି ।
ପ୍ରସନ୍ନ ଶାୟକ ଝମକ ଶାୟକ ପ୍ରସୂନ ଶାୟକ ବାନ୍ଧୁଛି
ସଜନୀ । କାନ୍ତନେହ ଧନ କରୁଛି ।
ଚେତନ୍ତି ଜୀବନ ରକ୍ଷରେ ଜୀବନ ଦୁଃସହ ଜୀବନ ହେଉଛି । ।୧।

କଦମ୍ବ କଦମ୍ବ ନାଶୁଛି କଦମ୍ବ କଦମ୍ବ ମୂଳରେ ଶୋଇଛି ।
କବରୀ ପ୍ରଳମ୍ବ ଶକ୍ରର ବେଲମ୍ବ ମହୀ ଅବଲମ୍ବ କରୁଛି ।
ସଜନୀ । ହାସ ଦୂରରେ ସେ ଛାଡ଼ୁଛି ।
ଅନଳ ଚନ୍ଦ୍ରମାକରଣ ଚନ୍ଦ୍ରମା ମୁଖଚନ୍ଦ୍ରମା କି ଦିଶୁଛି । ।୨।

ତୋତେରେ ବାରଣଗମନୀ ତାରଣ କରଣ ଶରଣ କହୁଛି ।
ନୟନ ବଳ ତା ନୟନାବଳତା ନୟନବଳ ତା ହୋଇଛି ।
ସଜନୀ । କଣ୍ଠରେ ପରାଣ ରହୁଛି ।
ନିଃଶ୍ୱାସ ପବନ ଖର ଉପବନ କରି ପବନ ସନ୍ତାପୁଛି । ।୩।

ଧରିଛି କମଳ ନାଳକୁ କମଳ ଧରରେ କମଳଦଳାକ୍ଷି ।
ଦିବା କମଳ ଅଙ୍କ ପ୍ରାଏ କମଳଧରବର୍ଣ୍ଣି ଏବେ ଦିଶୁଛି ।
ସଜନୀ । ମୁରଲୀ ବଜ୍ର ନ ପାରୁଛି ।
ଶିତ ମହୀଧର ମଣେ ମହୀଧର ବିଷ ବିଷଧର ହେଉଛି । ।୪।

ମୂର୍ତ୍ତି କଳାକର ମୁଖ କଳାକର କଳାକର ହିଂସା ବହୁଛି ।
ତୋତେ ମନୋହର କରି ମନୋହର ଛବି ତାର ତର ଛାଡ଼ୁଛି ।
ସଜନୀ । ଶିବ ଶିବ କରି ବୋଲୁଛି ।
କି ତା ଗନ୍ଧଫଳ ଗୌରୀବର୍ଣ୍ଣ ବୋଲି ଏହା ଏହା ଏକା ଭାବୁଛି । ।୫।

### ଛଳ

ତରଙ୍ଗ କୁରଙ୍ଗ ନୟନ ତରଙ୍ଗ ଅନାଇଁ ତାର ଦୁଃଖ ନାଶ ।
ତା ରଙ୍ଗ କୁରଙ୍ଗ ନୟନ ନକର ସେ ତୋତେ କରିଅଛି ଆଶ ।
ସଜନୀ । ନକର ଭୁଲି ଆରେ ହେଳା ।
ହେଳା କରିବୁ ଯେବେରେ ହେଳାବତୀ ହେଳା ପ୍ରାପ୍ତେକ କର ହେଳା । ।୬।

Digitized by srujanika@gmail.com

## ବିରୋଧାଭାସ

ପାଦ ଚଢା ନ ବଳା କର ପାଦବଳା ବନେ କରିବୁଟି ଗମନ ।
ବନଜ ବଦନ କରିବୁ ନାହିଁଟି କରିବୁ ବନଜ ବଦନ ।
ସଜନୀ । ସ୍ୱଭାବେ ତୁହି ରସିକନୀ ।
ନୋହିବୁଟି ତାରେ ତୁ ପ୍ରିୟ ବାଦନୀ ହୋଇବୁଟି ପ୍ରିୟବାଦନୀ । ।୭।

ଏମନ୍ତେ ସ୍ୱଜନ ପ୍ରବେଶ ହୁଅନ୍ତେ ରମଣୀ ସୁବେଶ ହୋଇଲା ।
ଦେଖିଣ ସୁବେଶ ହୋଇଣ ହରଷ ଦୂତୀ ପରିହାସେ ବୋଇଲା ।
ସଜନୀ । ଏବେ ମୁଁ ବିଚିତ୍ର ଦେଖୁଛି ।
ରସନା ତ ଆସି କଟିରେ ଶୋହୁଛି ଏ ବେଶକୁ କାନ୍ତ ହୋଇଛି । ।୮।

## ଛଳ

ଶ୍ରୀକଣ୍ଠ ଶୋଭା ବହୁଛି କୁଚବେନି ଚନ୍ଦ୍ରରେ ଶୋଭା ପାଉଅଛି ।
ନୀଳାମ୍ବରରେ ପୀରତି ହୋଇଅଛି ଏହା ଚିତ୍ର ପ୍ରାୟେ ମଣୁଛି ।
ସଜନୀ । ରଜନୀରମଣ ବଦନା ।
କଟିର ଭୂଷଣ ଚିବୁକେ ରଖିଛି ପ୍ରେମ ଅଦଭୁତ ଅଙ୍ଗନା । ।୯।

ହାସର ଅନ୍ତରେ ହୃଦୟ ଅନ୍ତରେ ଉଦୟ ହେଲା କୃଷ୍ଣ ଚିତ୍ତ ।
ଯେନି ସଙ୍ଗେ ଦୂତୀ ନବୀନ ଯୁବତୀ ରସବତୀ ଗମେ ତଡ଼ିତ ।
ନାଗରୀ । କଣ୍ଠ ପ୍ରାୟେ ଦିଶେ ସୁନ୍ଦର ।
ପୟୋଧର କୁମ୍ଭ ମୋ ଶିରେ ବିଭ୍ରାଜ କୁନ୍ଦରଦନେ ମନୋହର । ।୧୦।

ଯେନି ସହଚରୀ ସଙ୍ଗରେ ଚତୁରୀ ନିକୁଞ୍ଜରେ ଯାଇ ପ୍ରବେଶ ।
ରାଧିକାକୁ ଛାଡ଼ି ଆଗମନ କଲା ନାଗରବର ମଣି ଆଶ ।
ଦେଖିଲା । କୃଷ୍ଣଙ୍କୁ କଦମ୍ବ ମୂଳରେ ।
କହିଲା କୋମଳେ ଅଇଲା କୋମଳା କିଛି ନ ଦଶୁର ମନରେ । ।୧୧।

ତୋହର ଶରଦ ଶାନ୍ତିକ ସମସ୍ତ ଅଙ୍ଗରେ ଯେନି ଆସିଅଛି ।
ଉରୁ ରମ୍ଭାନେତ୍ର କମଳ ଶୈବାଳ କେଶ ପାଶ ତାର ଆଣିଛି ।
ନାଗର । ବଦନ ଚନ୍ଦ୍ରମା ତାହାର ।
ଭୁଜ ମୃଣାଳ ନାଭି ପଦ୍ମାବଳୀ ସରିତ ପଲ୍ଲବ ନିକର । ।୧୨।

Digitized by srujanika@gmail.com

ଶୁଣି ବେଣୁପାଣି ସହଚରୀ ପାଣି ଧରିଣ ବୋଲନ୍ତି ଏ ବାଣୀ ।
କାହିଁ ଛୁ କୁମୁଦ ବନ୍ଧୁମୁଖୀ ମୋଦଦାୟିନି କୁମୁଦ ହାସିନି ।
ସଜନି । ମୋତେ ନିଅ ତାର ଛାମୁକୁ ।
ଲାବଣ୍ୟ ସଦନ ବଦନ ଦେଖି ତା ଭୟେ ନ କରଇ କାମକୁ । ।୧୩।

ଶୁଣି ସହଚରୀ କୃଷ୍ଣ କର ଧରି ନାଗରୀ ପାଶକୁ ଚଳିଲା ।
ରାଧିକା ପାଶକୁ କୃଷ୍ଣଙ୍କୁ ନେଇଣ ପରିହାସ କରି ବୋଇଲା ।
ନାଗରି । ସଖୀ ମୋ ହୋଇଥିଲା ଦୁଃଖୀ ।
ଦଇବେ ଏବେ ତୁମ୍ଭ ପାଶେ କହିଲି ଆଜି ଏ ତୁମ୍ଭ ପ୍ରାଣସଖୀ । ।୧୪।

ଏମନ୍ତ ବୋଲି ରାଧାକୃଷ୍ଣଙ୍କୁ ଘେନି ନିକୁଞ୍ଜ-ଉଦରକୁ ଗଲା ।
ନବୀନ କୁସୁମ ଲତିକା ତଳରେ ନେଇଣ ବିଜେ କରାଇଲା ।
ଦୂତିକା । ଅନ୍ତର ହୋଇଲା ବହନ ।
ଧନ୍ୟ ଧନ୍ୟ ସେ କୁସୁମଲତା ବନ ଦିଶୁଅଛି ଅତି ଶୋଭନ । ।୧୫।

କୁସୁମରେ ତହିଁ ଶେଯ ହୋଇଅଛି କୁସୁମ ବାସ ପ୍ରକଟନ୍ତି ।
ମଧୁ ଲମ୍ପଟେ ଷଟ୍ପଦ ନିଜ ପଦ ପ୍ରସନ୍ନ କରି ନ ଗୁଞ୍ଜନ୍ତି ।
କେବଣ । ପୁଷ୍ପକୁ ବେଢ଼ିଣ ରଡ଼ନ୍ତି ।
ବେଶ୍ୟାନାରୀ ପାଶେ ବ୍ରହ୍ମର୍ଷି ପ୍ରାୟେ ତେସନକ ଶୋଭା ଦିଶନ୍ତି । ।୧୬।

ନାନା ପରାଗ ସବର୍ଣ୍ଣ ହୋଇ ଲାଗେ ଗଗନ ଶୋଭାକୁ ପୁଣି ।
ବସନ୍ତ ମାଣିକ୍ୟ ଛତ୍ର କି ଧରିଛି ମାରନୃପତି ବିଜେ ଜାଣି ।
କି ଅବା । ମଦନ ଗୃହେଶି ଖେଳରେ ।
ଫଗୁରାଜ ଉଡ଼ି ମୂରତି ହୋଇଛି ଯାଇଣ ନଭୋମଣ୍ଡଳରେ । ।୧୭।

ମନ୍ଦ ମନ୍ଦ ଗନ୍ଧବାହ ବହନ୍ତେଣ ଲତିକା କମ୍ପିତ ହୁଅଇ ।
ଅଭିସାରୀ ନାରୀ ପରି ଦେଖିକରି ଭୟରୁ କି ଅବା କମ୍ପଇ ।
କେବଣ । ଲତିକାରୁ ପୁଷ୍ପ ଝଡ଼ଇ ।
ନାଗ ନୃପତି କି ମେଘ ରୂପ ଧରି ମୁକୁତାମାଳ ବରଷଇ । ।୧୮।

ନିର୍ମଳ ଚନ୍ଦ୍ରମା ସୁଷମ ଦିଶୁଛି କଳଙ୍କ ଅଙ୍କରେ ନୋହଇ ।
ରଜତ ସ୍ଥାଳୀରେ ଦୂର୍ବାଙ୍କୁର ଥୋଇ କାମନାରୀ ଆସେ ବନ୍ଦାଇ ।
କି ଅବା । ମଦନ ଶ୍ୱେତଛତ୍ର ସେହି ।
ଜନ ମନକୁ ଉଚ୍ଛନ୍ନ କରୁଅଛି ନାରୀ ବଦନ ପ୍ରାୟେ ହୋଇ । ।୧୯।

Digitized by srujanika@gmail.com

କିରଣେ କାନନ ଅବନୀ ଶୋଭନ ଏସନ ମତିକୁ ଆସୁଛି ।
ମାର ନରବର ବିଜେ କରିବାକୁ ରଜନୀ ଆସନ ପାଡ଼ୁଛି ।
ହୋଇବ । ଅବା ସେ ଏମନ୍ତ ପ୍ରକାର ।
ବିଚିତ୍ର ଚିତ୍ର କରିଛି ବନଭୂମି ବିଧାତା ସେ କି ଚିତ୍ରକର ।।୨୦।

କୋକିଳ ମଧୁର କଳକଳ କରେ କି ଅବା ଏମନ୍ତ କହୁଛି ।
ବିରହୀ ଜନଙ୍କ ବିନାଶ ନିମନ୍ତେ ମଦନ ବିଜୟେ କରୁଛି ।
କିଅବା । ମାର ଗୁମୁରେ ଗୀତ ଗାଏ ।
ନବ ରାଧାକୃଷ୍ଣ କେଳି ଅନୁକୂଳ ନିମନ୍ତେ ମଙ୍ଗଳ ସେ କହେ ।।୨୧।

ଏମନ୍ତ ମାଧବ ସମୟେ ମାଧବ ମାଧବୀମାଳା ଭ୍ରାମୟେ ଦେନି ।
ମାଧବୀ ତଳେ କୋଳେ ଦେନି ରାଧାଙ୍କୁ ବେଶ କରନ୍ତି ଯଦୁମଣି ।
ସକଳ । ଅଳଙ୍କାରେ କରି ମଣ୍ଡନ ।
ତିଳକେ ତିଳକ ତିଳକ ରଞ୍ଜଣ ତିଳକରେ କରି ଶୋଭନ ।।୨୨।

ହରି ସହିତରେ ହରିନେତ୍ରା ମଞ୍କି ନ ଠେକଇ କଞ୍ଜ ବଦନ ।
ଦେଖି ତା ବ୍ରଜେନ୍ଦ୍ର ତନୟ ବିନୟ କରିଣ କହନ୍ତି ବଚନ ।
ସେ ରାଧା । କୃଷ୍ଣ ଚରଣେ ମନ ଦେଇ ।
କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ଭବକୁ ଭବଗ୍ରାହୀ ସେହି ।।୨୩।

—*—

Digitized by srujanika@gmail.com

# ସପ୍ତମ ଛାନ୍ଦ

## ରାଗ—କାଳୀ

ଶୁଣ ରମଣୀମଣି ରମଣ ଦେଇ ଜୀବନ ରଖ ।
ଟେକ ସୁରଭି ପୁର ସୁରଭି ସୁରଭି ଚନ୍ଦ୍ରମୁଖ ।
ଚମ୍ପା ଗଉରୀ ଏବେ ଗଉରୀପତି ବଇରୀରେ ।
ଅଛଇ କ୍ଷଣେ ଅନାଇଁ କ୍ଷଣେ ତକ୍ଷଣେ ହାହୁକର । ।୧।

ବରଷ ରସ ବରସ ରସ କୁଶଳା ଗୁଡ଼ି ତୋର ।
ଅମିୟଧର ଜବା ଅଧର ପାନରେ ଶୁଭକର ।
ମହ୍ମମନ୍ତ୍ରନୀ ମାନେ ମନ୍ତ୍ରନା ମାନସ ମାନ ଚୋର ।
ଦୁଃଖ ଖଣ୍ଡନା ଏବେ ଖଣ୍ଡନା ଏତେ ହରଷ ମୋର । ।୨।

ହେଲାନ ତନୁ ମୋହର ତନୁ ସୁତନୁ ତନୁ ଦାନେ ।
ରଖ ପରାଣ ଆରେ ପରାଣ ଆଜ ନ ବଡ଼ ମାନେ ।
ନେହ ଲୁଚୁଆ କାମ କଚୁର କରିବ ଯୋଗ ଭଙ୍ଗ ।
ମୁଖେ ଚଳୁଆ ଏବେ ଲୁଚୁଆ ପକାଅ ମୋର ଅଙ୍ଗ । ।୩।

ସପ୍ରେମ କର ଲମ୍ବିଲ କରୀ ଗମନା ରସକଳା ।
ସୁମର ଖେଳା ମନରେ ଖେଳାଇଲ ଖଞ୍ଜନ ଜୋଳା ।
ଦେଖି ଶ୍ରୀକର ଧଇଲେ କର ମୁଖେ ଭୁନ କହିଲେ ।
ବସାଇ କୋଳ ହୋଇଣ ଭୋଳ ଗାଢେ ଆଶ୍ଳେଷ କଲେ । ।୪।

କୁସୁମ ଶେଯେ ଆନନ୍ଦେ ସେ ଯେ ବିକାଶ ପ୍ରକାଶିଲେ ।
ନାଗରୀ ଛଇ ଉରଜ ଛଇ କରେ ମର୍ଦ୍ଦନ କଲେ ।
ନୀବି ବିବନ୍ଧ କରି ବିବନ୍ଧ ସୁରତ ଆରମ୍ଭିଲେ ।
ମାରକୁ ମାର ବୋଲି ନୂପୁର ସଧୀରେ ଧ୍ୱନି କଲେ । ।୫।

ମୁଖରେ ମୁଖ ପରମ ସୁଖ କରରେ କର କରି ।
ଗଣ୍ଡେ ଚୁମ୍ବନ ବହ୍ନି ବଦନ ବାମେ ଚିବୁକ ଧରି ।
ନାନାନାନାନା ହାଂହାଂହାଂହାଂହାଂ ହୁଂହୁଂହୁଂହୁଂହୁଂ କରି ।
ଜାନୁ ଯୁଗରେ ଭିଡ଼ଇ ଧୀରେ କିଶୋରୀ ହେମଗୋରୀ । ।୬।

Digitized by srujanika@gmail.com

ରେ ରେ ରେ ରେ ରେ ମର୍ଦ୍ଦନ ଆରେ ଭେ ଭେ ଲୁଚିବୁ କାହିଁ ।
ହାଟଘାଟରେ ମଧୁ ରତରେ ରସନ୍ତ ଏହା କହି ।
ତମାଳତରୁ ଉପରେ ଚଢ଼ୁ କବା ସେ ହେମବଲ୍ଲୀ ।
ମର୍କତ ଭୂମି ତରେ କି ଖେଳା କରେ ଚଞ୍ଚଳାବଲ୍ଲୀ । ।୭।

କରନ୍ତେ ନୃତ୍ୟ ସ୍ତନ ମଦନ ଗଣ୍ଡେ* ଖେଳ କି ଖେଳେ ।
ଗିରି ବକ୍ଷର ଉପୁରେ ହସ୍ତ ଧରନ୍ତ କର ତଳେ ।
ଇନ୍ଦ୍ର ବିବାଦେ ଗୋବର୍ଦ୍ଧନକୁ ନଖରେ ଥିଲେ ଧରି ।
କାମ ବିବାଦେ ଧଇଲେ ଏବେ କେମନ୍ତ ରତନଗିରି । ।୮।

ସୁରତି ଶେଷ ହୁଅନ୍ତେ ବାସ ପିନ୍ଧିଣ ବେନି ବସି ।
କହନ୍ତି ହରି ଶୁଣ ହରିଣନୟନା ମନ୍ଦ ହାସି ।
ଏ ଅବଧାନ ହେବନ୍ତି ଧନ ମୁଁ ତୋର ପରିଜନ ।
ହୋଇ ସୁମନ ନୋହି ବମନ ପକାଉଥିବୁ ମନ । ।୯।

ଏମନ୍ତେ ନଣ୍ଟୀ ଶେଷ ଜାଣିଣ ଦୂତୀର ସଙ୍ଗେ ନାଗ୍ରୀ ।
କୃଷ୍ଣେ ବନ୍ଦନ କରି ସୁନ୍ଦରୀ ଗମିଲ ନିଜ ପୁରି ।
ନିରଜ କେଶୀ ଶରଦଶଶୀ ମୁଖୀ ନିରସ ଦଶେ ।
ବିରଜବର ସଜ କରରେ ମର୍ଦ୍ଦିଣ ଅଛୁ କି ସେ । ।୧୦।

ନେତ୍ର କୁରଙ୍ଗ ଅତି ତରଙ୍ଗ ଅଞ୍ଜନ ଉପୁ ସାଧୁଁ ।
ନୋହିଣ ସ୍ଥିର ହୋଇ ଅସ୍ଥିର† କମେ କି ଉପୁ ବଣ୍ଟୁଁ ।
ଜିତି ସୁନ୍ଦରୀ ଗୁରୁକବରୀ ଲୋଟେ ସେ ଚରମରେ ।
ମିଳ ଗଗନ ରତି ନାୟକ ବାନ୍ଧି କି ଅଛୁ ଥରେ । ।୧୧।

ଏ ରୂପେ ବେଶ ଭଙ୍ଗି ପ୍ରବେଶ ହୋଇଲା ନିଜ ପୁରେ ।
ରାଧାର ଭାବ ଭାବ ପୁରକୁ ଗମିଲେ ଚନ୍ଦ୍ରଧରେ ।

---

* 'କ' ପୋଥିରେ କରନ୍ତି ନୃତ୍ୟ ସ୍ତନ ମର୍ଦ୍ଦନ ଗଣ୍ଡେ

† 'କ' ପୋଥିରେ ନୋହିଣ ସ୍ଥିର × × × କମେ କି ଉପୁ ବଣ୍ଟୁଁ

Digitized by srujanika@gmail.com

କୁଞ୍ଜବିହାର ସପ୍ତମ ଛାନ୍ଦ ହୋଇଲା ଏବେ ପ୍ରାନ୍ତ ।
ମାତ୍ର ଭଜନେ ସୁଜନେ ଜନେ ଜନ ଭଞ୍ଜନ ଚିତ୍ତ ।।୧୨।

ମାଳ ସୁନ୍ଦର ତନୁ ମନ୍ଦର ଧର ସେ ଗୋପିନାଥ ।
ପାର୍ଥ ସୋଦର ନାମ ଧଇଲେ ଚାରେ ସଂସାର ପଥ ।
ସେ ହରି ପାଦ ପଦ୍ମ ଷଟ୍‌ପଦ କରଣ ନିଜ ମନ୍ତ ।
କହଇ ଉପଇନ୍ଦ୍ର ଭଞ୍ଜ ଯେ ରଖ ବରଜ ପତି ।।୧୩।

ଶ୍ରୀଇଷ୍ଟ ଦେବତାଭ୍ୟୋ ନମଃ ।
ଶ୍ରୀ ଗୁରୁଭ୍ୟୋ ନମଃ ।
କୁଞ୍ଜ ବିହାର ସପ୍ତମ ଛାନ୍ଦ ସମାପ୍ତ ।

—*—

Digitized by srujanika@gmail.com

# କୁଞ୍ଜବିହାର ବୋଧିନୀ
## ପ୍ରଥମ ଛାନ୍ଦ

ପଦ ୧ ଘନସାର – ମେଘ ପରି ସୁନ୍ଦର, କର୍ପୂର ।
ଦର – ଭୟ, ଶଙ୍କା ।

୨ କମଳନିଧି – ସାଗର । କମଳ ଆସନ – ବ୍ରହ୍ମା ।
ବିଭକରଦନ – ଡାଳିମ୍ବ ବୀଜ ପରି ଦନ୍ତ ।

୩ ଶଶଧର – ଶଶକୁ ଧାରଣ କରିଛି ଯେ ଚନ୍ଦ୍ର ।

୪ ଶେଷ – ଶେଷନାଗ ବା ଅନନ୍ତ, ସମାପ୍ତ ।

୫ ମାରଯାମିନୀ – କନ୍ଦର୍ପ ସ୍ତବନାଯୁକ୍ତ ରାତ୍ରୀ ।
ରଣରଙ୍ଗିଣୀଙ୍କର – କନ୍ଦର୍ପଙ୍କର ।

୬ ତାମରସ – ପଦ୍ମ । କୁଳ – ସମୂହ । ଦ୍ୱିଜ କୋକିଳ – ବ୍ରାହ୍ମଣ
ରୂପକ କୋକିଳ । ଦ୍ୱିଜ-ପକ୍ଷୀ ।

୭ ଘନ କାଳେ – ବର୍ଷା ସମୟରେ । ଘନ କୋଳେ-ମେଘ କୋଳରେ ।
ଘନ ଲତା – ବିଦ୍ୟୁତ ଲତା । ଘନେ – ଘଞ୍ଚ ଭାବରେ ।
ରଥବରେ – ରଥ ଶ୍ରେଷ୍ଠରେ ।

୯ କମଳ – ପୁଷ୍କରିଣୀ । ସୁରପୁର – ଦେବତାଙ୍କ ପୁର । ସୁମନ
ସଭାସେ – ଦେବତାମାନଙ୍କ ସଭା ।

୧୦ ପରଭୃତ – କୋକିଳ । ନଗ – ପାହାଡ଼ ।

୧୧ ବନଜ ବଦନୀ – ପଦ୍ମମୁଖୀ । ରାଧାଧର – ରାଧାର ଅଧର ।

୧୨ ବ୍ରତତୀ – ଲତା । ଜାରେ – ଜାର ପୁରୁଷ । ବାରନାରୀ – ବେଶ୍ୟା ।

୧୩ ମହୀରୁହ – ବୃକ୍ଷ ।

୧୫ ତରୁ ଶିରୋମଣି – ତରୁ ଶ୍ରେଷ୍ଠ (ରାଧାଙ୍କ ପାଇଁ ପ୍ରଯୁକ୍ତ) ।
ପଶୁପତି – ଶିବ । ପତ୍ର – ବାହନ ।

୧୬ ମଦନ ମାର୍ଗଣ – କାମଶର । ପାଶରେ – ପାଖରେ, ଫାସରେ ।
ମଧୁକୁଳ – ଭ୍ରମର ସମୂହ ।

୧୭ ନାଗେଶ୍ୱର – ନାଗେଶ୍ୱର ଫୁଲ, ନାଗଶ୍ରେଷ୍ଠ, ହସ୍ତୀଶ୍ରେଷ୍ଠ ।

Digitized by srujanika@gmail.com

୧୯ ଧବ – ବୃକ୍ଷ ବିଶେଷ (ମାଧବ) । ରଜନୀ କରରେ – ଚନ୍ଦ୍ର କିରଣରେ । ସପ୍ତଶାଳ – ବୃକ୍ଷ ବିଶେଷ । ପଲାଶ—କିଂଶୁକ ।

୨୦ ସ୍ଥାଳରେ—ଥାଳରେ । କୁବଳୟ – କଇଁ । ଗଣିକା—ସୁଇଫୁଲ । ବନ୍ଧୁଜୀବ – ବଧୂଲି ଫୁଲ ।

୨୧ ଅବତଂସ—କର୍ଣ୍ଣଭୂଷଣ । କର୍ଣ୍ଣିକା – କନଅର । କକୁଭରେ – ଦିଗରେ, ଅର୍ଜୁନ ଗଛରେ ।

୨୨ ହେମଲତା—ସୁବର୍ଣ୍ଣ ଲତା (ରାଧାର ଶରୀର) । ହେମ ଫଳ—ସୁବର୍ଣ୍ଣର ଫଳ (ସ୍ତନ) ।

୨୩ ହଂସ ସୁତା—ଯମୁନା ।

## ଦ୍ୱିତୀୟ ଛାନ୍ଦ

ପଦ ୧ ରବି ସୁତା – ଯମୁନା । ସରସିଜ—ପଦ୍ମ ।

୨ ଆଳି – ସଖୀ । କୋକନଦ – ରକ୍ତ କଇଁ ।
ଜଘନ – ଜଙ୍ଘ । ପୁଳକ – ଛଠ ।

୩ ବାଜହୁଧ୍ୱନି – ବାଜ ପକ୍ଷୀର ହୁ ଧ୍ୱନି । ସୁରଦ୍ୱାର – ଗଙ୍ଗା ।

୪ ରଥାଙ୍ଗ – ଡାହୁକ ।

୫ ବନ – ଜଳ, ବଣ । କୁରଙ୍ଗ – ହରିଣ ।

୮ ନିଶାମଣି—ଚନ୍ଦ୍ର, ରାତ୍ରି ଭାବ ।
(ବିକଚ ଉରସେ—ଜଳ ବକ୍ଷରେ ପ୍ରସ୍ଫୁଟିତ)

୧୦ ଅମ୍ବୁଜ – ପଦ୍ମ । ମୋହେ – ମୋହନ କରେ ।

୧୧ ତରଙ୍ଗ – ତରଙ୍ଗାୟିତ କର ।

୧୨ କଟକେ – କଟି କିଙ୍କିଣୀ ।

୧୩ ଭୁମ୍ବୀରୁ – ଲଉଭୁମ୍ବା ।

୧୪ ଭୁବନେ – ଜଳରେ ।

୧୫ ଉଦକଲୀଳା – ଜଳକେଳି । ଶିବାଶିବ – କଳାଧଳା ।

Digitized by srujanika@gmail.com

୧୭ ସୂଚୀ – ଛୁଞ୍ଚ । ସୁବାସ – ଉତ୍ତମବସ୍ତ୍ର, ବାସନାଯୁକ୍ତ ।
୧୯ ଅମ୍ବୁଜ – ଚନ୍ଦ୍ର ।
୨୧ ଆରଙ୍ଗ କାରେଣି – ଅନୁରାଗକାରୀ ।
୨୨ ମଧୁବ୍ରତ – ମହୁମାଛି । ଅବରଜ – ସାନଭାଇ ।

## ଚତୁର୍ଥ ଛାନ୍ଦ

ପଦ ୪ ଗୁଞ୍ଜ ପୁଞ୍ଜ – କାଇଞ୍ଚ ସମୂହ ।
୭ ମୋହନ କରବାଳ – ମୋହିବା ପାଇଁ ଖଡ୍‌ଗ ।
୧୧ କୁବଳୟ ସୁନ୍ଦର – ନୀଳକଇଁ ପରି ସୁନ୍ଦର ।
୧୩ ପଞ୍ଚଶର – କନ୍ଦର୍ପର ଶର ।
୧୭ ମାରବୀର – କନ୍ଦର୍ପବୀର ।
୨୩ ମନ ନୀଳକଣ୍ଠ – ମନ ମୟୂର
(ମୟୂରେ ବର୍ହିଣୋବର୍ହୀ ନୀଳକଣ୍ଠୋ ଭୁଜଙ୍ଗ ଭୁକ୍ ।
ଶିଖାବଳଃ ଶିଖୀ କେକୀ ମେଘନାଦାନୁ ଲାସ୍ୟପି ।
— ଅମର କୋଷ)

୨୯ ବହ୍ନିଲ – ପଶିଲ ।
୩୧ ଜାଙ୍ଗଳକ — ବିଷବୈଦ୍ୟ ।
୩୩ ପଦ୍ୟ ଆଦ୍ୟ ପ୍ରାନ୍ତାକ୍ଷର = ମୁକ ।
୩୪ ଦେବ ପତି — ଇନ୍ଦ୍ର ।
୩୭ ବାଜି – ବାଜିବାରୁ । ପ୍ରଳୟ — କାମର ଦଶଦଶା ମଧ୍ୟରୁ ଅନ୍ୟତମ ।
୩୯ ପାଣ୍ଡୁର – ଫିକା ।
୪୧ ଅଞ୍ଚଳେ — ଲୁଗାର କାନରେ । ଶୀତମୀର — ଥଣ୍ଡାଜଳ ।
୪୩ ବର ବକାର – ଶ୍ରେଷ୍ଠ ବକାର । ସୁକାଳ – ଉତ୍ତମ ସମୟ ।

Digitized by srujanika@gmail.com

୪୮ ଅବ୍ରତ – ଶତ୍ରୁ ।

୪୯ ସୁମନଶର – ଫୁଲଶର ।

## ଚତୁର୍ଥ ଛାନ୍ଦ

ପଦ ୧ ଏଥିର ଅନ୍ତରେ – ଏହାପରେ । ଅନ୍ତରେ – ଭିତରେ ।

୨ ଦଣେ ଦଣେ – ଦଣ୍ଡେ ଦଣ୍ଡେ । ଦଣେ – ଦେଖାଯାଏ ।
ରଜନୀକର – କର୍ପୂର, ଚନ୍ଦ୍ର ।

୩ ଚନ୍ଦ୍ରମା – ଚନ୍ଦ୍ର । ଚନ୍ଦ୍ରମା ମୁଖୀ – ଚନ୍ଦ୍ରମୁଖ ଯେଉଁ ନାରୀର (ରାଧା) । ବାସର – ଦିନ ।

୪ ସବିତା କର – ସୂର୍ଯ୍ୟ ।

୬ ଆଦରଶ – ଦର୍ପଣ ।

୯ ତୋର କଳରବ × × × ପ୍ରତେ = କାଳରବ ।

୧୨ ଆଶୁଗ – ଶୀଘ୍ରଗାମୀ ।

୧୩ ଅସୁର ଜନନୀ – ଅଦିତି ।
ଜଗତ ପ୍ରାଣ ଯେ × × × ମଣୁଛୁ = ଜଗତ ପ୍ରାଣହର ।

୧୪ ଅଗଧ୍ୱଜ – ବାୟୁ ।

୧୫ ଶୀତକର – ଚନ୍ଦ୍ର । ଶୀତକର ମୁଖୀ – ଚନ୍ଦ୍ରମୁଖୀ (ରାଧା) ।
ଗୁଆଁର – ଅବୋଧ । ତୋତେ ଅମୃତ କର ଯେ × × × × × ଅଲେପ ନକର = ମୃତକର ।

୧୬ ଶିବ – ଶିବ, ମଙ୍ଗଳ ।

୧୭ ଜୀବନ – ଜଳ, ପ୍ରାଣ ।

## ପଞ୍ଚମ ଛାନ୍ଦ

ପଦ ୨ ପ୍ରାବୃଟ କାଳରେ – ବର୍ଷା କାଳରେ ।
ପ୍ରାବୃଟ କାଳରେ ଘନ × × × ବହଇ ବେଶରେ = କୃଷ୍ଣ ।

Digitized by srujanika@gmail.com

୩ ନୀରଜ ନୟନୁ – ପଦ୍ମନେତ୍ରରୁ । ତନୁ—ଶରୀର, କ୍ଷୀଣ ।

୪ ଜଳଜ ଦଳ— ପଦ୍ମପତ୍ର ।

୭ ଯନ୍ତ—ଭଳ । ମଧୁହାରୀ—କୃଷ୍ଣ ।

୮ ଅସର—ସରୁନାହିଁ । ଲବଣ୍ୟସଦନ—ଲବଣ୍ୟର ଗୃହ ।
କର୍ଦ୍ଦନ— ପୀଡ଼ା ।

୯ ତର୍ଜ୍ଜୁ—ତର୍ଜିବା, ତର୍କଣା କରିବା । ରେବତୀରମଣ— ଚନ୍ଦ୍ର ।
ହାମରମ୍ଭ ଭୂଷଣ—କନ୍ଦର୍ପର ଧନୁ । ସାରଙ୍ଗ—ଧନୁ ।

୧୦ ହାମ – ହରଣ । ଦର୍ପକ— କନ୍ଦର୍ପ ।

୧୧ ନାଗେଶ୍ୱର ବର – ଗରୁଡ଼ ।

୧୩ କରୀକର—ହସ୍ତୀଶୁଣ୍ଢ । ମଧୁସୂଦନନିକର—ଭ୍ରମରସମୂହ
ହରି—ସିଂହ । ଚକ୍ର—ଚକ୍ରବାକ ।

୧୪ ମୃଗାଙ୍କ ମଣ୍ଡଳ – ଚନ୍ଦ୍ରମଣ୍ଡଳ । ପାଥସୁତ—ପଦ୍ମ ।

୧୬ କୁବଳୟେ—ଜଳରେ । ସୁମନା ରମଣୀ— ଦେବନାରୀ ।

୧୭ କାମକଳା—ନାମବିଶେଷ, କାମ କ୍ରୀଡ଼ାରେ ପ୍ରବୀଣ ।

୧୮ ଚିତ୍ରଭାନୁ—ଅଗ୍ନି, ଶିବ । କାମ ବାମ—କାମଦେବର ଶତ୍ରୁ ।
କଳାକର – ଚନ୍ଦ୍ର, ମଳୟ ।

୧୯ ପଞ୍ଚଶର - ପାଞ୍ଚଟିଶର, କନ୍ଦର୍ପ । ମଣିଗଣ—ମଣିସମୂହ ।
ନେତ୍ରଶ୍ରୁତ—ସର୍ପ, ଚକ୍ଷୁ ଓ କର୍ଣ୍ଣ ।

୨୦ ଜୀବନରେ—ପ୍ରାଣରେ, ଜଳରେ ।
ଚନ୍ଦ୍ରାବଳୀ— ରାଧାଙ୍କର ନାମ ବିଶେଷ । ଚନ୍ଦ୍ରାବଳି— କର୍ପୂର
ସମୂହ ।

୨୧ ଶିରୀକର—ଶ୍ରୀକର (କୃଷ୍ଣ) । ଶିରି କର—ସୌନ୍ଦର୍ଯ୍ୟ କର ।
ଦିନମଣି—ଦରିଦ୍ର ଭାବ । ଦିନମଣି—ସୂର୍ଯ୍ୟ । ଚନ୍ଦ୍ରମା—ଚନ୍ଦ୍ର ।
ଚନ୍ଦ୍ରମାମୁଖୀ—ଚନ୍ଦ୍ରମୁଖୀ (ରାଧା) ।

୨୨ ପ୍ରାଣସଖି—ପ୍ରାଣସଖୀ, ପ୍ରାଣ ସହିଛି ।

Digitized by srujanika@gmail.com

୨୩ ଚରିକର — ବୃକର । ଚାପ ନିକର — ଚାପ ସମୂହ ।

୨୫ ବଦନ ସାରସ — ମୁଖ ପଦ୍ମ ।

୨୬ ରତିପତି ଶରେ — କନ୍ଦର୍ପ ଶରରେ ।

## ଷଷ୍ଠ ଛାନ୍ଦ

ପଦ ୧ ପ୍ରସନ୍ନ ଶାୟକ — ଆନନ୍ଦ ସୂଚକ ବାଣ । ଶାୟକ — ଖଡ୍‌ଗ ।
ପ୍ରସୂନ ଶାୟକ — ଫୁଲଶର ।

୨ କଦମ୍ବ କଦମ୍ବ — ଧୀରେ ଧୀରେ । କଦମ୍ବ — ସମୂହ, ପୁଷ୍ପ ବିଶେଷ ।
ପ୍ରଲମ୍ବ — ପ୍ରକୃଷ୍ଟ ଭାବରେ ଲମ୍ବ । ରୋଲମ୍ବ — ଭ୍ରମର ।
ଚନ୍ଦ୍ରମା କିରଣ — ଚନ୍ଦ୍ର କିରଣ । ଚନ୍ଦ୍ରମା — କର୍ପୂର ।

୩ ନଳିନ — ପଦ୍ମ । ନୟନାବଳି — ଚକ୍ଷୁ ସମୂହ ।
ନୟନ ବଳିତା — ନୟନ ସବୁ ଢୋଳାଇଛି ।

୪ କମଳ ନାଳ — କଇଁ ନାଡ଼ । କମଳ — ଚନ୍ଦ୍ର ।
କମଳଧର ବର୍ଣ୍ଣ — ମେଘ ବର୍ଣ୍ଣ । ମହୀଧର — ପର୍ବତ ।

୫ କଳାକର — ଚନ୍ଦ୍ର । ଶିବକର — ମଙ୍ଗଳକର ।

୭ ବନଜବଦନ — ପଦ୍ମମୁଖ, ଚନ୍ଦ୍ରବଦନ ।

୮ ରସନା — କଟି ଅଳଙ୍କାର ।

୯ ରଜନୀରମଣ — ଚନ୍ଦ୍ର ।

୧୦ ତଡ଼ିତ — ଶୀଘ୍ର । ବିଭ୍ରାଜ — ଶୋଭା ପାଏ ।

୧୧ ଗନ୍ଧବାହ — ପବନ । ନାଗ ନୃପତି — ନାଗରାଜା ।

୧୨ ମାଧବ — ବସନ୍ତ, କୃଷ୍ଣ ।

୧୩ ହରିନେତ୍ରା — ମୃଗନେତ୍ରା ।

Digitized by srujanika@gmail.com

# ସପ୍ତମ ଛାନ୍ଦ

ପଦ ୧ ସୁରଭି—ସୁବାସ ପରିପୂର୍ଣ୍ଣ, ମନୋହର, ପ୍ରିୟ ।
ଗଉରୀପତି—ଶିବ । ଗଉରୀପତି ବଇରୀଶର—କନ୍ଦର୍ପଶର ।

୨ ଅମିୟଧର—ଅମୃତଧର । ଖଣ୍ଡନା—ଖଣ୍ଡ କରନା ।

୩ ତନୁ—କ୍ଷୀଣ, ଶରୀର ।

୪ ଆଶ୍ଳେଷ—ଆଳିଙ୍ଗନ ।

୫ ବିବନ୍ଧ—ଖୋଲିବା, ବିଶେଷ ପ୍ରକାର ବନ୍ଧ ।

୭ ଚଞ୍ଚଳାବଲ୍ଲୀ—ବିଦ୍ୟୁତ ଲତା ।

୯ ପରିଜନ—ଗୃକର ।

୧୦ ନୀରଜ କେଶୀ—ଶୈବାଳ କେଶୀ ।
ଦ୍ୱିଜକରରେ—ଶ୍ରେଷ୍ଠ କରରେ ।

୧୩ ପାର୍ଥ ସୋଦର—କୃଷ୍ଣ ।

—*—

Digitized by srujanika@gmail.com